ଧରିତ୍ରୀ
DHARITRI
December 6-12, 2020 ₹ 2/-

# ଛୁଟିଦିନ



# ବିନା ମାଟିରେ ଚାଷ



୩
ପ୍ରଚ୍ଛଦ ପ୍ରସଙ୍ଗ

ସହର ବଜାରରେ ଏବେ ଘର କରିବା ପାଇଁ ଜାଗାର ଅଭାବ । ତେଣୁ ନିଜ ସାଧ୍ୟମୁତାବକ ଛୋଟ ଜାଗାକୁ କିଣି ଲୋକ ଘରକରିବାକୁ ବାଧ୍ୟ ହୁଅନ୍ତି । ଗଛ ଲଗାଇବା ପାଇଁ ଜାଗା କି ମାଟି ମିଳିବା ଏବେ ସମସ୍ୟା । ତେଣୁ ଏସବୁର ସମାଧାନ କରିପାରିବ –ବିନା ମାଟିରେ ଚାଷ...

୮/୯
ସିନେମା



୧୩
ସହରଠୁ ଦୂର

## ଟମାଟୋ: ଅନେକରେ ଏକ

ରୋଷେଇ ପାଇଁ ଟମାଟୋର ବ୍ୟବହାର ତ ସମସ୍ତେ କରିଥାନ୍ତି । କିନ୍ତୁ ଟମାଟୋକୁ ଅନ୍ୟ କାମରେ ମଧ ବ୍ୟବହାର କରାଯାଇପାରେ –



**ଫେସ୍ ସ୍କ୍ରବ୍ :** ଟମାଟୋ ଏପରି ଏକ ଫଳ ଯେଉଁଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଅଛି । ଏଥିରେ ଥିବା ଭିଟାମିନ୍ ମୁହଁରେ ଚମକ ଆଣିବାରେ ସାହାଯ୍ୟ କରିଥାଏ । ତେଲିଆ ଚେହେରା, ବ୍ରଣ, ମୁହଁରେ କୁଞ୍ଚନ ଆଦି ସମସ୍ୟା ଦୂର କରିବା ପାଇଁ ଟମାଟୋକୁ ଫେସ୍ ସ୍କ୍ରବ୍ ଭାବେ ବ୍ୟବହାର କରି ପାରିବେ ।

**ପିତ୍ତଳ ବାସନ ସଫା :** ପୁରୁଣା ପିତ୍ତଳ ବାସନ ବା ପାତ୍ର ଗୁଡ଼ିକୁ ସଫା କରିବା ପାଇଁ ଟମାଟୋ ପେଷ୍ଟ ବା ଟମାଟୋ କେଚପ୍ ବ୍ୟବହାର କରି ପାରିବେ । ଏଥିରେ କୌଣସି କେମିକାଲ୍‌ର ଦରକାର ପଡେ ନାହିଁ । ଟମାଟୋ କେଚପ୍ ବା ଜୁସ୍‌କୁ ପିତ୍ତଳ ଜିନିଷରେ ଲଗାଇ କିଛି ସମୟ ପରେ ସଫା କଲେ ଏହା ପୂର୍ବ ପରି ଚକ୍‌ଚକ୍ କରିଥାଏ ।

**ବାସନ ସଫା:** କଡ଼େଇରେ ଖାଦ୍ୟ ପୋଡି ଗଲେ ଏହାକୁ ଛଡେଇବା ବହୁତ କଷ୍ଟ । କିନ୍ତୁ ଏଥିରେ କିଛି ଟମାଟୋ ସସ୍ ପକେଇ କିଛି ସମୟ ଛାଡି ଦେଲା ପରେ ସଫା କଲେ ଏଥିରେ ଜଳିଯାଇଥିବା ଖାଦ୍ୟ ଗୁଡିକ ସହଜରେ ସଫା ହୋଇ ଯାଇଥାଏ ।

**ଦରଜ କମାଏ:** ମହିଳା ମାନେ ହାଇ ହିଲ୍ ପିନ୍ଧିବାକୁ ବହୁତ ପସନ୍ଦ କରନ୍ତି । କିନ୍ତୁ ବହୁତ ସମୟ ପର୍ଯ୍ୟନ୍ତ ହିଲ୍ ପିନ୍ଧିକି ଚାଲିଲେ ପାଦ ଖଣ୍ଡିଆ ହୋଇଯାଏ । ଏହି ପରି ଖଣ୍ଡିଆର ଦରଜ କମାଇବା ପାଇଁ ଟମାଟୋ ବେଶ୍ ସହାୟକ ହୋଇଥାଏ । ଖଣ୍ଡିଆ ହୋଇଥିବା ସ୍ଥାନରେ ଫାଳେ ଟମାଟୋ କାଟି ଗୁଡାଇ ୮ରୁ ୧୦ ମିନିଟ୍ ରଖିଦେଲେ ଏହା ଦରଜ କମାଇ ଦେଇଥାଏ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୬-୧୨

**ମେଷ:** ସ୍ଥଗିତ କର୍ମାରମ୍ଭ, ସନ୍ତାନ ଦ୍ୱାରା ଅର୍ଥଲାଭ, କର୍ମକ୍ଷେତ୍ରରେ ଯଶ ସମ୍ମାନ, ଶିଳ୍ପବାଣିଜ୍ୟରେ ଉନ୍ନତି, କଳା ସାହିତ୍ୟରେ ସମସ୍ୟା, ଆଇନ ଅଦାଲତରେ ସୁଫଳ, ଧର୍ମକାର୍ଯ୍ୟରେ ବ୍ୟୟ, ପଲ୍ଲିକେଶନରେ ବିଳମ୍ବ ।

**ବୃଷ:** ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ପାରିବାରିକ ସ୍ଥିତି ଅଶାନ୍ତ, ଗୃହ ପ୍ରତିଷ୍ଠାର ପ୍ରସ୍ତୁତି, କଳ କାରଖାନାରେ ବିଦ୍ରୋହ, ବିବାଦୀୟ ପରିସ୍ଥିତିର ମୁକାବିଲା, ଆନୁଷ୍ଠାନିକ ସମ୍ମାନ ଲାଭ, ମାନସିକ ଚାପରୁ ମନସ୍ତାପ ।

**ମିଥୁନ:** ଯାତ୍ରାରେ ସଫଳତା, ପ୍ରଶାସନିକ ତତ୍ପରତା, କ୍ରୀଡାରେ ସମ୍ମାନ, ଚଳଚ୍ଚିତ୍ରରେ ବିବାଦ, ଗବେଷଣାରେ ଅଗ୍ରଗତି, ଆର୍ଥିକ ସମସ୍ୟାର ସମାଧାନ,ଜମିଜମା ରେଜିଷ୍ଟ୍ରେସନ୍ ।

**କର୍କଟ:** ନୂତନ ଯୋଜନାରମ୍ଭ, କାର୍ଯ୍ୟକାରିତାରେ ସନ୍ଦେହ, ଯୋଗାଯୋଗରେ ସମସ୍ୟା, ଅଂଶୀଦାର ସହ କଳହ, ମନୋରଞ୍ଜନର ମଉକା, ବନ୍ଧୁଙ୍କ ଆଚରଣରେ ସନ୍ଦେହ, ମାନସିକ ବିଷଣ୍ଣତା ।

**ସିଂହ:** ବନ୍ଧୁଙ୍କ ସୁପରାମର୍ଶ, ଦକ୍ଷତାରୁ ପ୍ରଶଂସା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ସାମାଜିକ ସମ୍ମାନ ଲାଭ, ସହକର୍ମୀଙ୍କ ସହ ମତାନ୍ତର, ଶୁଭ ଖବର ପାଇବେ, ଜମିଜମା ବିବାଦ, ଆୟକର ସମ୍ପର୍କୀୟ ସମସ୍ୟା ।

**କନ୍ୟା:** ଅର୍ଥନୈତିକ କାର୍ଯ୍ୟକ୍ରମ, ନୂତନ ଚୁକ୍ତିପତ୍ର, ଶେୟାର ବଜାରରେ ପୁଞ୍ଜି ଲଗାଣ, ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ, ଲୋକସମ୍ପର୍କ ବୃଦ୍ଧି, ଋଣ ସୂତ୍ରରେ ଅର୍ଥପ୍ରାପ୍ତି, ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ବିଦେଶଯାତ୍ରାର ସୁଯୋଗ ।

**ତୁଳା:** ନୂତନ ଉଦ୍ୟୋଗ ପ୍ରତିଷ୍ଠା, ବ୍ୟବସାୟରେ ପୁଞ୍ଜି ଲଗାଣ, ଯାନ୍ତ୍ରିକ ଜିନିଷ କ୍ରୟ, ପାରିବାରିକ ସମସ୍ୟା, ପଡୋଶୀଙ୍କ ପ୍ରତାରଣା, ନିର୍ମାଣରେ କଳହ, ସମ୍ପର୍କରେ ସନ୍ଦେହ, ଆରୋଗ୍ୟ ଲାଭ, ସଭା ସମିତିକୁ ନିମନ୍ତ୍ରଣ ।

**ବିଛା:** ଆତ୍ମୀୟଙ୍କ ଉଦାରତା, ସହକର୍ମୀଙ୍କ ସହଯୋଗ, ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ, ମକଦ୍ଦମାରେ ବାଇଦା, ଅମୀମାଂସୀତ ଆଲୋଚନା, ମାମୁଲି ଘଟଣାରେ ଉଜବାଚ, ସ୍ୱାସ୍ଥ୍ୟସମସ୍ୟାରୁ ଚିନ୍ତା, ଦୂରଯାତ୍ରାର ପ୍ରସ୍ତୁତି ।

**ଧନୁ:** ଜନ କଲ୍ୟାଣ କାର୍ଯ୍ୟାରମ୍ଭ, ସ୍ୱାର୍ଥସାଧନର ଅଭିଳାଷ, ବ୍ୟକ୍ତି କେନ୍ଦ୍ରିକ ଚିନ୍ତାଧାରା, ଅସାବଧାନତାରୁ ଧନହାନି, ଦୁର୍ଘଟଣାରୁ ରକ୍ଷା, ଅଧ୍ୟୟନରେ ନିଷ୍ଠା, ଉଚ୍ଚ ରକ୍ତଚାପରୁ ସମସ୍ୟା, ଧର୍ମକାର୍ଯ୍ୟରେ ସାମିଲ ।

**ମକର:** ବୟସ୍କଙ୍କ ପ୍ରେରଣାପ୍ରାପ୍ତି, ପରିବହନରେ ବିବାଦ, ଆଧ୍ୟାତ୍ମିକତାରେ ଉନ୍ନତି, କଚେରି ମାମଲାରେ ବିଜୟ, ଯୋଗଶିକ୍ଷାରେ ଆଗ୍ରହ, ପକ୍ଷପାତିତାରୁ ବିବାଦ, ପଡୋଶୀଙ୍କ ସୁପରାମର୍ଶ ।

**କୁମ୍ଭ:** ସେବା ମନୋବୃତ୍ତିରୁ ପ୍ରଶଂସା, ଭ୍ରମଣ ସୁଯୋଗ ପ୍ରାପ୍ତି, ନୂତନ ସ୍ଥାନ ପରିଦର୍ଶନ, ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାନିଧ୍ୟ, ଅର୍ଥ ସମ୍ପର୍କୀୟ ସମସ୍ୟା, ଅଫିସିଆଲ କାମର ଚାପ, ଉଚ୍ଚ ଶିକ୍ଷାର ସୁଯୋଗ, କ୍ରୀଡା ନୈପୁଣ୍ୟର ପ୍ରଶଂସା, ସଂଘର୍ଷପୂର୍ଣ୍ଣ ପରିବେଶ ।

**ମୀନ:** ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ, ମାନସିକ ଆଶ୍ୱସ୍ତି, ପାରିବାରିକ ବନ୍ଧୁଙ୍କ ସାହାଯ୍ୟ, ସହକର୍ମୀଙ୍କ ଆତ୍ମୀୟତା, ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି, ସାମ୍ବାଦିକତାରୁ ଗୌରବ, ପଲ୍ଲିକେଶନରେ ଦ୍ୱନ୍ଦ୍ୱ, ମନୋରଞ୍ଜନର ସୁଯୋଗ, ସନ୍ତାନ ଲାଭରୁ ଆନନ୍ଦ, ଚାକିରିରେ ନୂତନ ଅଫର ।



## ଯାଆଁଳା କିନ୍ତୁ ଭିନ୍ନ

ଯାଆଁଳା ମାନେ ସାଧାରଣତଃ ଦେଖିବାକୁ ପ୍ରାୟ ଏକାଭଳି ହୋଇଥାନ୍ତି । ସେମାନଙ୍କର ରଙ୍ଗ, ଢଙ୍ଗ ପ୍ରାୟ ସମାନ ହୋଇଥାଏ । କିନ୍ତୁ ଏପରି ଦୁଇ ଯାଆଁଳା ଭଉଣୀ ଅଛନ୍ତି ଯେ ଦୁହେଁ ଦୁହିଁଙ୍କ ଠାରୁ ବହୁତ ଭିନ୍ନ । ଏହି ଯାଆଁଳା ଭଉଣୀ ହେଉଛନ୍ତି ମାରିଆ ଓ ଲୁସି ଆୟଲମ୍ । ଦୁଇ ଜଣଙ୍କର ଜନ୍ମ ଜାନୁୟାରୀ ୧୯୯୭ ମସିହାରେ ହୋଇଥିଲା । ଲୁସି ଗୋରା ବର୍ଣ୍ଣ, ଧୂସର ରଙ୍ଗର କେଶ ଓ ଗାଢ ନୀଳ ଆଖି ବିଶିଷ୍ଟ ହୋଇଥିବା ବେଳେ ମାରିଆ ଶ୍ୟାମଳ ବର୍ଣ୍ଣ, କଳା କୁଞ୍ଚୁକୁଞ୍ଚିଆ କେଶ ଓ ଆଖି ଗାଢ ମାଟିଆ ରଙ୍ଗର । ଏଥିପାଇଁ ମାରିଆ ଓ ଲୁସିଙ୍କୁ ଦେଖିଲେ କହି ବି ସେମାନେ ଯାଆଁଳା ବୋଲି ବିଶ୍ୱାସ କରିପାରନ୍ତି ନାହିଁ । ସେମାନଙ୍କର ପିତା ମାତା ଭିନ୍ନ ବର୍ଣ୍ଣର ହୋଇଥିବାରୁ ଏହି ଦୁଇ ଭଉଣୀଙ୍କ ମଧ୍ୟରେ ଏତେ ଭିନ୍ନତା ଦେଖିବାକୁ ମିଳୁଛି । ଲୁସି ଏବଂ ମାରିଆଙ୍କ ମାଆ ଡୋନା ଏକ ହାଫ୍ ଜାମାଇକାନ ହୋଇଥିବା ବେଳେ, ବାପା ଭିନ୍ସ ଏକ ହ୍ୱାଇଟ୍ ମ୍ୟାନ୍ । ଏଥିପାଇଁ ଏହି ଦୁଇ ଭଉଣୀ ଯାଆଁଳା ହେଲେ ବି ଭିନ୍ନ ।

## ପାଠକୀୟ

ଏଥରର ପ୍ରଚ୍ଛଦ ପ୍ରସଙ୍ଗ ‘ପଞ୍ଚ ପବିତ୍ର’ ଏକ ଉପାଦେୟ ବିଷୟ ଥିଲା । ଏଥିରୁ ଅନେକ କିଛି ଶିଖିହେଲା ଆଉ ଜାଣିହେଲା । ସେହିପରି ଆକାଶଦ୍ୱୀପ ପାଠଟି ଆମ ହିନ୍ଦୁଧର୍ମର ବିଶ୍ୱାସକୁ ଖୁବ୍ ସୁନ୍ଦର ଭାବେ ଦର୍ଶାଇଥିଲା ।

*–ଶ୍ରଦ୍ଧାଞ୍ଜଳି ଦାସ*

ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ ‘ପଞ୍ଚ ପବିତ୍ର’ଟି ବେଶ୍ ତଥ୍ୟପୂର୍ଣ୍ଣ ଓ ଶିକ୍ଷଣୀୟ ହୋଇଥିଲା । ସେହିପରି ସୃଜନ ପୃଷ୍ଠା ଓ ଅନ୍ୟାନ୍ୟ ଲେଖା ପଢି ବେଶ୍ ଖୁସି ହେଲି । ଅନ୍ୟପକ୍ଷେ ହାଃ ହାଃ ବି ଖୁବ୍ ମନଛୁଆଁ ହେଉଛି ।

*–ନିରଞ୍ଜନ ସାହୁ, ନେତପୁର, ନାଗପୁର, ପୁରୀ*

ପଞ୍ଚ ବା ପାଞ୍ଚ କେବଳ ଏକ ସଂଖ୍ୟା ନୁହେଁ, ହିନ୍ଦୁଧର୍ମରେ ଏହା ପବିତ୍ରତାର ଆଉ ଏକ ନାଁ । କାରଣ ପୂଜାବିଧିଠାରୁ ଆରମ୍ଭ କରି କର୍ମକାଣ୍ଡ ଯାଏ ସବୁଠି ଦେଖିବାକୁ ମିଳେ ପାଞ୍ଚର ସମାହାର । ତେଣୁ ଏହି ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ ‘ପଞ୍ଚ ପବିତ୍ର’ ଏକ ଶିକ୍ଷଣୀୟ ବିଷୟ ଥିଲା । କେତେକ ଦାମୀ ପେନ୍‌କୁ ନେଇ ପ୍ରସ୍ତୁତ ‘ପେନ୍ : ସହଜ ନୁହେଁ କିଣିବା’ ଆଲେଖ୍ୟଟି ବି ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା ।

*–ଅଶୋକ ରାଉଳ, ଝାରସୁଗୁଡ଼ା*

ବ୍ୟକ୍ତିତ୍ୱ ପୃଷ୍ଠାରେ ସ୍ଥାନିତ ନାଟ୍ୟକାର, ଅଭିନେତା ତଥା ନିର୍ଦ୍ଦେଶକ ଅମରେଶ ମାଥାଁଙ୍କ ଜୀବନୀ ତଥା କୃତି ସମ୍ପର୍କରେ ପଢି ଖୁସି ଲାଗିଲା । ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ ‘ବ୍ୟସ୍ତ ଅଛନ୍ତି ନୱାଜୁଦ୍ଦିନ’, ‘ଆମୀରଙ୍କ ପ୍ରଶଂସାରେ ସାନ୍ୟା’ ଓ ‘ଭାଗ୍ୟକୁ ନିନ୍ଦୁଛନ୍ତି କିଆରା’ ଆଦି ପାଠଗୁଡ଼ିକ ବେଶ୍ ମନଛୁଆଁ ହୋଇପାରିଥିଲା । ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବି ହୃଦୟସ୍ପର୍ଶୀ ଥିଲା ।

*–ଦିବାକର ଷଡ଼ଙ୍ଗୀ, ରାଉରକେଲା*

ଏମିତି କିଛି ଖାଦ୍ୟ ଅଛି , ଯାହାକୁ ଏକ ସମୟରେ ଖାଇଲେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଦେବା ସହ ଅନେକ ସମୟରେ ମୃତ୍ୟୁର କାରଣ ମଧ ସାଜିଥାଏ । ସେମିତି କିଛି ଖାଦ୍ୟକୁ ନେଇ ଉପସ୍ଥାପନା କରାଯାଇଥିବା ‘ଖାଇବା ପୂର୍ବରୁ ଭାବନ୍ତୁ’ ପାଠଟି ବେଶ୍ ଉପଯୋଗୀ ବିଷୟ ଥିଲା । ମଡେଲ୍ ମିରର୍‌ରେ ‘ସୋନା’ ବେଶ୍ ସୁନ୍ଦରୀ ଲାଗୁଥିଲେ ।

*–ରାହାସ ବିହାରୀ ମହାନ୍ତି, ଆଳି, କେନ୍ଦ୍ରାପଡା*

ଐତିହାସିକ ପର୍ଯ୍ୟଟନସ୍ଥଳୀ ‘ମଧ୍ୟପ୍ରଦେଶ’ ସମ୍ପର୍କରେ ସହର ପୃଷ୍ଠାରୁ ପଢି ଅନେକ କିଛି ଅଜଣା ତଥ୍ୟ ଜାଣିହେଲା । ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ ‘ହାତୀର ବବ୍ କଟ୍ ହେୟାର’ ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ‘ଅଜବ କଫିନ୍‌ର ଦେଶ’, ‘ଶୈତାନ ପରି ଦେଖାଯିବା ପାଇଁ’ ଓ ‘ଆଁ କରି ଲକ୍ଷ ଲକ୍ଷ ରୋଜଗାର’ ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା ।

*–ନନ୍ଦିନୀ ସିଂ, ଝାରପଡ଼ା, ଭୁବନେଶ୍ୱର*


### ବିଶେଷ ଚିଠି



ଓଡ଼ିଶାର ତମେ ‘ଛୁଟିଦିନ’
ଇଣ୍ଟରନେଟ୍ ଜଗତେ ସୁନାଧନ ।
ପାଉଛି ତମକୁ ସବୁଠି ପାଠକ, ପାଠିକା
ଆଉ ମଣୁ ନାହିଁ ନିଜକୁ ଏକା ଏକା ।
ରବିବାର ମଉଜ ମସ୍ତି
ତମ ସାଥେ ଯାଏ ବିତି ।
ନମଃ ନମଃ ତୁମ ପାଠକୁ
ପୁନଶ୍ଚ ପ୍ରତୀକ୍ଷା ରବିବାରକୁ ।

*–ଗୋବିନ୍ଦ ଚନ୍ଦ୍ର ହାଁସଦା, ବଡ଼ ନାଲୁଆ, ବିଶୋଇ, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795





# ବିନା ମାଟିରେ ଚାଷ

ଏବେ ଯେଉଁଭଳି ଭାବରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛି, ସେହି ଅନୁପାତରେ ବଢ଼ିବାରେ ଲାଗିଛି ଘରଦ୍ୱାର। କମି କମି ଯାଉଛି ଚାଷଜମି। ପୁଣି ସହର ବଜାର କଥା ଦେଖିଲେ, ଘର କରିବା ପାଇଁ ତ ଜାଗାର ଅଭାବ ପୁଣି ଜାଗାର ଦାମ୍ ଯାହା, ସେଥିରେ ଘରକରି ବଗିଚା କରିବା ପାଇଁ ସମ୍ବଳର ଅଭାବ ଦେଖାଦିଏ। ତେଣୁ ନିଜ ସାଧ୍ୟମୁତାବକ ଛୋଟ ଜାଗାକୁ କିଣି ଲୋକ ଘରକରିବାକୁ ବାଧ୍ୟ ହୁଅନ୍ତି । ଏପଟେ ପନିପରିବାର ଦାମ୍ ଯାହା ସେଥିରେ ମନରେ କେଉଁଠି ନା କେଉଁଠି ଇଚ୍ଛାଥାଏ ଯେ କିଚେନ ଗାର୍ଡ଼େନଟିଏ ଥାନ୍ତା କି? ହେଲେ ମାଟି ବି କାହିଁ, ତେବେ ଏସବୁ ସମସ୍ୟାର ସମାଧାନ ଏବେ କରିବାକୁ ଯାଉଛି–ବିନା ମାଟିରେ ଚାଷ। ବିନା ମାଟିରେ ଛାତ ଉପରେ ଚାଷକରି ପରିବାରର ଗୁଜୁରାଣ ମେଣ୍ଟାଇବା ସହିତ ଏହାକୁ ରୋଜଗାରର ମାଧ୍ୟମ ବି କରିପାରିବେ।

ତେବେ ବିନା ମାଟିରେ ଚାଷ କରିବା କଥା ଶୁଣିଲେ ନିହାତି ଆଶ୍ଚର୍ଯ୍ୟ ଲାଗିବ। ହେଲେ ଏବେ ଏହି ଚାଷର ଆଦର ବଢିବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ଅନେକେ ଏହି ପ୍ରଣାଳୀର ଚାଷକୁ ଆପଣେଇ ଲାଭବାନ ହେଉଛନ୍ତି। କିଏ ପାଣିରେ ତ କିଏ କୋକୋପିଟ୍‌ରେ କରୁଛନ୍ତି ଏହି ପ୍ରକାର ଚାଷ, ଯେଉଁଥିରେ ବିଭିନ୍ନ ପନିପରିବା, ସେଓ, ଅଙ୍ଗୁର, ପିଜୁଳି ପରି ବିଭିନ୍ନ ପ୍ରକାରର ଫଳ ଓ ଅନେକ ପ୍ରକାର ବିଦେଶୀ ପତ୍ର ଜାତୀୟ ଛୋଟ ଗଛ (ଯାହା ମୁଖ୍ୟତଃ ସାଲାଡ଼ରେ ବ୍ୟବହାର ହୋଇଥାଏ) ଲଗାଇ ନିଜ ପରିବାରର ପରିବା ଖର୍ଚ୍ଚ ତୁଲାଇବା ସହ ଏହାକୁ ବିକ୍ରି କରି ଭଲ ରୋଜଗାର ମଧ୍ୟ କରିପାରୁଛନ୍ତି।

### ଛାତରେ କରିଛି ବିନା ମାଟିର ବଗିଚା

ସେ ଭଲପାଆନ୍ତି ବିଭିନ୍ନ ବୃକ୍ଷଲତାକୁ। ଏମିତିରେ ପିଲାଟି ଦିନରୁ ତାଙ୍କର ରହିଛି ବିଭିନ୍ନ ବୃକ୍ଷଲତା ପ୍ରତି ଦୁର୍ବଳତା। ଏଥିପାଇଁ ନିଜସ୍ୱ ଉଦ୍ୟମରେ ଲଗାଇଥିବା କେତେକ ଗଛଲତାର ଯତ୍ନ ନେବାରେ ସେ ପ୍ରତିଦିନ କିଛି ସମୟ ପରିଶ୍ରମ କରିଥାନ୍ତି। ଏହି କାର୍ଯ୍ୟରେ ସେ ଆନନ୍ଦ ପାଆନ୍ତି। ମାତ୍ର ଗଛଟିଏ ଲଗାଇବା ପାଇଁ ମାଟି, ପାଣି, ପବନ ସହିତ ଉପଯୁକ୍ତ ପରିବେଶ ଦରକାର ହୁଏ। କିନ୍ତୁ ବିନା ମାଟିରେ ଛାତ ଉପରେ ବିଭିନ୍ନ ଫଳ ଓ ପନିପରିବା ଗଛ ଲଗାଇ ସେଥିରେ ସଫଳତା ପାଇବାରେ ସେ ନିଆରା ପ୍ରୟାସ କରିଛନ୍ତି।

**ସହର ବଜାର କଥା ଦେଖିଲେ, ଘର କରିବା ପାଇଁ ତ ଜାଗାର ଅଭାବ ପୁଣି ଜାଗାର ଦାମ୍ ଯାହା, ସେଥିରେ ଘରକରି ବଗିଚା କରିବା ପାଇଁ ସମ୍ବଳର ଅଭାବ ଦେଖାଦିଏ। ତେଣୁ ନିଜ ସାଧ୍ୟମୁତାବକ ଛୋଟ ଜାଗାକୁ କିଣି ଲୋକ ଘରକରିବାକୁ ବାଧ୍ୟ ହୁଅନ୍ତି । ଏପଟେ ପନିପରିବାର ଦାମ୍ ଯାହା ସେଥିରେ ମନରେ କେଉଁଠି ନା କେଉଁଠି ଇଚ୍ଛାଥାଏ ଯେ କିଚେନ ଗାର୍ଡ଼େନଟିଏ ଥାନ୍ତା କି? ହେଲେ ମାଟି ବି କାହିଁ, ତେବେ ଏସବୁ ସମସ୍ୟାର ସମାଧାନ ଏବେ କରିବାକୁ ଯାଉଛି–ବିନା ମାଟିରେ ଚାଷ...**


ସେ ହେଲେ ଭୁବନେଶ୍ୱର ନୀଳାଦ୍ରିବିହାର ଅଞ୍ଚଳର **ହୃଷୀକେଶ ଦାସ**। ପିତା ହରିହର ଦାସ। ସେ କୁହନ୍ତି, ଆଜକୁ ପ୍ରାୟ ୩୦ବର୍ଷ ତଳେ ମୋ ମା’ ରୁକ୍ମଣୀ ଦାସ ଆମ ଘରେ ମାଟି କୁଣ୍ଡରେ ବିଭିନ୍ନ ପ୍ରକାର ଗଛ ଲଗାଇ ତା’ର ଯତ୍ନ ନେଉଥିଲେ। ଏପରି କାର୍ଯ୍ୟଦେଖି ମତେ ଖୁସି ଲାଗେ। ବିଭିନ୍ନ ଗଛଲତା ଲଗାଇବାର ଅଭ୍ୟାସ ରହିଥାଏ। ଯେତେବେଳେ ମୋର ଏମ୍‌ଏ.ଏଲ୍‌ଏଲ୍‌ବି ପଢ଼ା ସରିଲା, ତା’ପରେ କିଛି ଗୋଟେ ନୂଆକାମ ପାଇଁ ଭାବୁଥିଲି। ବିଭିନ୍ନ ସ୍ଥାନରେ ଆୟୋଜିତ କୃଷି ପ୍ରଦର୍ଶନୀ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥାଏ। ୨୦୦୯ରେ ଦିଲ୍ଲୀ ଯାଇ ସେଠାର ଜନତାମଇଦାନରେ ପଡ଼ିଥିବା ଏକ କୃଷି ପ୍ରଦର୍ଶନୀରେ ଗୋଟିଏ ପ୍ରକଳ୍ପ ଦେଖିଲି। ଏହାଥିଲା ବିନା ମାଟିରେ କିପରି ବିଭିନ୍ନ ପନିପରିବା ଚାଷ ହେଉଛି। ଏଠାରୁ ଏହି ପ୍ରକଳ୍ପ ଦେଖି ନିଜେ କିପରି ଏମିତି ଚାଷ କରିପାରିବି ସେ ନେଇ ଯୋଜନା କଲି। ତା’ସହିତ ଏ ଚାଷ ସମ୍ପର୍କରେ ଅଧିକ ଜାଣିବା ପାଇଁ ୟୁଟ୍ୟୁବ୍‌ରେ ବି ସର୍ଚ୍ଚ କଲି। ସେଥିରୁ ବି ମୋତେ ବିନା ମାଟିରେ କିପରି ବିଭିନ୍ନ ପ୍ରକାର ଫସଲ ଓ ପନିପରିବା ଚାଷ ହେଉଛି, ସେ ସମ୍ପର୍କରେ ଅଧିକ ତଥ୍ୟ ମିଳିଗଲା। ଭୁବନେଶ୍ୱର ଫେରିଲା ପରେ ଆବଶ୍ୟକ ଉପକରଣ ଯୋଗାଡ଼ କଲି। ସାକ୍ଷୀଗୋପାଳରୁ ନଡ଼ିଆକତା ଗୁଣ୍ଡ ଏବଂ କେରଳରୁ କୋକୋପିଟ୍ ବକ୍ସ କିଣିଲି। ଏହାପରେ କିଛି ମାଟି ଓ ସିମେଣ୍ଟ କୁଣ୍ଡି ସଂଗ୍ରହ କଲି। ପର୍‌ଲାଇଟ ଭର୍ମିକୁଲାଇଟ ମିନେରାଲ କେରଳରୁ କିଣିବା ପାଇଁ ଅନ୍‌ଲାଇନରେ ମଗାଇଲି। ଏହା ପାଣିକୁ ସଂରକ୍ଷଣ କରିପାରେ। ଏହି କୋକୋପିଟ୍ ବା ନଡ଼ିଆକତା ଗୁଣ୍ଡ ମାଟିଠାରୁ ହାଲୁକା, ଏଥିରେ ଗଛ ଶୀଘ୍ର ବଢ଼ିପାରେ, ଚେର ବି ଚାରିଆଡ଼କୁ ଯାଏ। କିଛି ମିନେରାଲ (ପର୍‌ଲାଇଟ ଭର୍ମିକୁଲାଇଟ) ମିଶ୍ରଣ କରାଯାଇଥାଏ, ଯାହା ପାଣିକୁ ଅବଜର୍ଭ କରିବାରେ ସହାୟକ ହୋଇଥାଏ। ଏହାପରେ ଆମ ରାଜଧାନୀର ସ୍ଥାନୀୟ ନର୍ସରିରୁ କେତେଗୁଡ଼ିଏ ଗଛ ଚାରା କିଣିଆଣିଲି । ଘର ଛାତର ପ୍ରାୟ ୩ଶହ ସ୍କୋୟାର

→



ହୃଷୀକେଶ


ଆଶିଷ







ଫୁଟ୍ ଜାଗାରେ କୋକୋପିଟ୍ କୁଣ୍ଡରେ କିଛି ଜୈବିକ ଖତ, ନିମ୍ବତେଲ, ପତ୍ରଗୁଣ୍ଡ, କରଞ୍ଜତେଲ, ପର୍‌ଲାଇଟ ଭର୍ମିକୁଲାଇଟ ପକାଇଥିଲି। ତା'ପରେ ଏଥିରେ ବାଇଗଣ, କଲରା, ଟମାଟୋ, ସପେଟା, ସେଓ, ତାଇଓ୍ବାନ ପିଜୁଳି, ଷ୍ଟ୍ରବେରି, ଡାଳିମ୍ବ, କୁନ୍ଦୁରୀ, ଲେମ୍ବୁ, ହଳଦୀ, ପୋଦିନା, ଧନିଆ, କୋଶଳା, ଜହ୍ନି, ଭେଣ୍ଡି ପୁଣି କେତେକ ଫୁଲ ଗଛ ଲଗାଇଥିଲି। ଗଛରେ ପୋକ ନ ଲାଗିବା ପାଇଁ ନିମ୍ବତେଲ ବ୍ୟବହାର କଲି। ପରିବାରର ପିଲାମାନେ ବି ଏହି ଗଛଲତାରେ ପାଣି ଦିଅନ୍ତି। ସାଧାରଣତଃ ସେଓ ଗଛ ପାଇଁ ଆବଶ୍ୟକ ପଡୁଥିବା ତାପମାତ୍ରା ନିର୍ଦ୍ଦିଷ୍ଟ ଋତୁର ସମୟରେ ଅନୁଭୂତ ହୋଇଥାଏ। କିନ୍ତୁ ଏପରି ପ୍ରଣାଳୀରେ ଚାଷ ପାଇଁ ସେଓ ଗଛ ଲାଗି ହିମାଚଳପ୍ରଦେଶରୁ ଜଣେ ବନ୍ଧୁଙ୍କ ଜରିଆରେ ପ୍ରଥମେ ଦୁଇଟି ଗଛ ଆଣିଲି। ଅଙ୍ଗୁର ପାଇଁ ପୁଣେରୁ ଚାରା ମଗାଇଲି। ସେହିପରି ଷ୍ଟ୍ରବେରି ପାଇଁ ହରିୟାଣାରୁ ଚାରା ମଗାଇଥିଲି। ଗୋଟେ ବର୍ଷ ମଧ୍ୟରେ ଏ ସବୁଥିରେ ଫଳ ମଧ୍ୟ ଫଳିଲା। ମତେ ଖୁସି ଲାଗିଲା। ଏବେ ବେଙ୍ଗାଲୁରୁ, ହିମାଚଳପ୍ରଦେଶ, ଆସାମ ଆଦି ସ୍ଥାନରୁ ବିଭିନ୍ନ ଫଳଗଛର ଚାରା ମଗାଇଛି। ଏମିତିରେ ଆଗକୁ ଅଧିକ ଗଛ ଲଗାଇବାର ଯୋଜନା ଚାଲିଛି। ଏମିତି ଖର୍ଚ୍ଚ ଦେଖିଲେ ବହୁତ କମ୍ ପଡ଼େ, କାରଣ କୋକୋପିଟ୍ ଯାହା କିଲୋଗ୍ରାମ୍ ହିସାବରେ କିଣିବାକୁ ପଡ଼େ କିମ୍ବା ଅନ୍‌ଲାଇନରେ ମଗାଯାଇପାରେ। ଅନ୍ୟାନ୍ୟ ସାର ପାଇଁ ମୁଁ ଜୈବିକ ଖତକୁ ବ୍ୟବହାର କରିଥାଏ। ଏପରି କାର୍ଯ୍ୟରେ ଆନନ୍ଦ ମିଳିବା ସହ କିଛି ପରିମାଣରେ ଘର ଚଳିବାରେ ବି ସହାୟକ ହେଉଛି।

## ସୌଖୀନରେ ଲଗାଇଥିଲି ମାତ୍ର ଚାହିଦା ମେଣ୍ଟାଉଛି

ମାଟିରେ ଗଛଲତା ହୁଏ, କିନ୍ତୁ ବିନା ମାଟିରେ କିପରି ହୁଏ ପ୍ରଥମେ ମତେ ଆଶ୍ଚର୍ଯ୍ୟ ଲାଗୁଥିଲା। ଏହା ପୁଣି ବିନା ହଳଲଙ୍ଗଳ ଆଉ ବିନା ଚାଷଜମିରେ। ଏମିତି କେତେଜଣଙ୍କର ଏହି ଚାଷ ଦେଖିଲି। ସହରରେ ରହୁଥିବା ଲୋକମାନଙ୍କ ପାଇଁ ଏହା ସୌଖୀନ, ମାତ୍ର କିଛି ମାତ୍ରାରେ ଚାହିଦା ବି ମେଣ୍ଟାଇ ପାରୁଛି। କେତେକ ଫଳ ଅନ୍ୟ ରାଜ୍ୟ ଓ ବିଦେଶରୁ ଆସେ କିନ୍ତୁ ଏବେ ଏହା ଓଡ଼ିଶାରେ ହୋଇପାରୁଛି। ଗ୍ରୀନ୍ ଆପଲ, କଖାରୁ, ଅମୃତଭଣ୍ଡା, ସପୁରି ଆଦି ଅନେକ ପ୍ରକାରର ଫଳ ଏହି ପ୍ରଣାଳୀରେ ଏବେ ଚାଷ କରାଯାଉଥିବା କଥା ଜାଣି ଖୁସି ହେଲି ଏବଂ ନିଜେ ଏମିତି ଚାଷ କରିବାକୁ ମନରେ ଆଗ୍ରହ ସୃଷ୍ଟି କଲି। ଏଥିପାଇଁ ଭୁବନେଶ୍ୱର ନୀଳାଦ୍ରିବିହାର ଅଞ୍ଚଳର ହୃଷୀକେଶ ଦାସଙ୍କ ସହ ସାକ୍ଷାତ କରି ତାଙ୍କଠାରୁ ଉକ୍ତ ଚାଷକାର୍ଯ୍ୟ ସମ୍ପର୍କରେ ଅନେକ ତଥ୍ୟ ଆଣିଥିଲି ବୋଲି କୁହନ୍ତି ବାଣପୁର ଚେଏଙ୍ଗା ସାହିର ବାସିନ୍ଦା **କୃତାର୍ଥସାରଥି ସାମନ୍ତରା**। ସେ କୁହନ୍ତି, ଏକ ଘରୋଇ ସଂସ୍ଥାରେ ମୁଁ କାମ କରେ। ସେଥିପାଇଁ ଏବେ ଭୁବନେଶ୍ୱର କୋଳଥିଆ ଅଞ୍ଚଳରେ ପରିବାର ଘେନି ଏକ ଭଡ଼ା ଘରେ ରହୁଛି। ସେହି ଭଡ଼ା ଘରର ଛାତ ଉପରେ ସୌଖୀନ ଭାବେ ବିନା ମାଟିରେ ଅର୍ଥାତ୍ କୋକୋପିଟ୍ ବକ୍ସ କିଣି ଛୋଟ ଛୋଟ କୁଣ୍ଡିରେ ସେବୁକୁ ପକାଇ ଏବଂ ସେଥିରେ ଜୈବିକ ଖତ, ନିମ୍ବପତ୍ରଗୁଣ୍ଡ ଦେଇ ବିଭିନ୍ନ ଗଛଲତାର ଚାରା ଆଣି ଲଗାଇଛି। ସେଥିରେ ନାନା ପ୍ରକାରର ଫଳ ବି ଫଳୁଛି। କଲରା, ଟମାଟୋ, ଲଙ୍କା, ଭେଣ୍ଡି, ପୋଦିନା, ଧନିଆ ଲଗାଇ କିଛି ପରିମାଣରେ ନିଜଘର ଚଳଣିରେ ଏବେ ଏହା ଚାହିଦା ମେଣ୍ଟାଉଛି। ଏଥିରେ ମୋତେ ମୋ ସ୍ତ୍ରୀ ତୃପ୍ତିମଞ୍ଜରୀ ରଥ ଖୁବ୍ ସହଯୋଗ କରିଥାନ୍ତି। ଅଫିସ କାର୍ଯ୍ୟ ସାରି ବଳକା ସମୟରେ ଗଛର ଯତ୍ନ ନେଇଥାଏ। ଏବେ ବିନା ମାଟିରେ ବିଭିନ୍ନ ପ୍ରକାରର ଫଳ, ପନିପରିବା ଗଛରେ ଫଳିଥିବାର ଦେଖିଲେ ଖୁସିଲାଗେ। ଆମ ରାଜ୍ୟରେ ଅନେକଙ୍କ ପାଇଁ ଏହି ପ୍ରଣାଳୀ ସତରେ ନିଆରା ଲାଗିବ।

## ପାଣିରେ ବିଦେଶୀ ଗଛ ଚାଷ

ମାଟିରେ ନୁହେଁ ପାଣିରେ ହୁଏ ବିଭିନ୍ନ ଗଛର ଚାଷ। ପୁଣି ବିଦେଶୀ ଗଛ ଏବେ ଓଡ଼ିଶାରେ। ଏମିତି ପାଣିରେ ଏପରି ଚାଷ ଆରମ୍ଭକରି ସଫଳତା ପାଇଛନ୍ତି ଜଣେ ଶିକ୍ଷିତ ଯୁବକ। ସେ ହେଲେ **ଆଶିଷ ମହାନ୍ତି।** ଘର ଜଗତସିଂହପୁର ଜିଲାର ପୌରାଞ୍ଚଳ ଅନ୍ତର୍ଗତ ସୁଜଙ୍ଗ ଗାଁରେ। ପିତା ନରୋତ୍ତମ ମହାନ୍ତି, ମା' କିରଣବାଳା ମହାନ୍ତି। ଆଶିଷ କୁହନ୍ତି ଏମସିଏ, କେମେଷ୍ଟ୍ରିରେ ମାଷ୍ଟର ଡିଗ୍ରୀ ସାରି ହାଇଦ୍ରାବାଦରେ ଏକ ଘରୋଇ ସଂସ୍ଥାରେ ଚାକିରି କରିଥିଲି। ମାତ୍ର କିଛି ନୂଆକାମ ଖୋଜୁଥିଲି। ଯେପରି ନିଜେ ସ୍ୱାଧୀନଭାବେ ସ୍ୱାବଲମ୍ବୀ ହୋଇପାରିବି। ଏମିତିରେ ମୋ ଭଉଣୀଠାରୁ ଶୁଣିଲି ପାଣିରେ କେତେକ ଗଛର ଚାଷ ହେଉଛି। ପୁଣି ବ୍ୟବସାୟିକ ଚାହିଦା ରହିଛି। ଏଥିପ୍ରତି ମନବଳାଇଲି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ୟୁଟ୍ୟୁବରୁ କେତେକ କଥା ଦେଖି ଜାଣିପାରିଲି। ତା'ପରେ ଥରେ ହାଇଦ୍ରାବାଦ ଯାଇ ଏକ ଦିନିକିଆ ଟ୍ରେନିଂ ନେଲି। ପରେ ଗାଁକୁ ଫେରିଲି । ପ୍ରଥମେ ଏହି ଚାଷ ପାଇଁ ଇସ୍ରାଏଲ, ନେଦରଲାଣ୍ଡ, ସ୍ପେନ ଆଦି ବିଦେଶରୁ ଚାରା ଓ ମଞ୍ଜି ସଂଗ୍ରହ କଲି। ଏମିତି କେତେକ ପତ୍ରଜାତୀୟ ଗଛ– ଲେଟୁସ୍, ଇଟଲିଅନ୍ ବାସିଲ, କେଲ ପକ୍ଚୟ ଇତ୍ୟାଦି ଲିଫି ଭେଜିଟେବଲ ଏବଂ ଚାଷ ପାଇଁ ଗୁଜରାଟରୁ ଆବଶ୍ୟକ ସାମଗ୍ରୀ କିଣିଥିଲି। ତାପରେ ନିଜ ଘରର ଛାତ ଉପରେ ଏହି ପତ୍ରଜାତୀୟ ଗଛର ଚାଷକୁ ପ୍ରଥମେ ଆରମ୍ଭ କଲି। ୨୦୧୯ରେ ନିଜ ଘର ଛାତର ୮ଶହ ସ୍କୋୟାର ଫୁଟ ଜାଗାରେ ପ୍ରାୟ ୨୪ଶହ ଗଛ ଲଗାଇଥିଲି। ଏଥିପାଇଁ ମୋର ପ୍ରାୟ ୯ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏବେ ପ୍ରାୟ ୨୨୦ଫୁଟ୍ ଜାଗାରେ ହାଇଡ୍ରୋଫୋନିକ ପ୍ରଣାଳୀରେ ଏକ ପ୍ୟାନ୍ ଆଣ୍ଡ ପ୍ୟାଡ଼ ପଲ୍ଲୀ ହାଉସରେ ପ୍ରାୟ ୨୫ଡିଗ୍ରୀ ତାପମାତ୍ରାରେ ଏହି ବିଦେଶୀଗଛର ଚାଷ କରୁଛି। ତେବେ ମଞ୍ଜିରୁ ଚାରା ପୁଣି ଗଛର ପରିପକ୍ୱତା ପାଇବା ପାଇଁ ପ୍ରାୟ ୨ ମାସ ସମୟ ଲାଗିଥାଏ। ତା'ପରେ ଏହି ଗଛଗୁଡ଼ିକୁ ମୁଁ କଟକ, ଭୁବନେଶ୍ୱର, ପୁରୀ, କେନ୍ଦୁଝର ଆଦି ସ୍ଥାନରେ ଥିବା ବଡ଼ବଡ଼ ହୋଟେଲକୁ ବିକ୍ରି କରଥାଏ। ଏହାକୁ ଗଛଗୁଡ଼ିକର ପତ୍ର ମୁଖ୍ୟତଃ ସାଲାଡ଼ରେ ବ୍ୟବହାର କରାଯାଇଥାଏ। ଏଥିରେ ନ୍ୟୁଟ୍ରିଶନ ଅଧିକ ମାତ୍ରାରେ ଥିବା ସୂଚନା ରହିଛି। ଆଉ ଏହି ଚାଷରୁ ଭଲ ରୋଜଗାର ବି ହୋଇପାରୁଛି।

–ବନବିହାରୀ ବେହେରା




କୃତାର୍ଥସାରଥି

# ଭିନ୍ନ ଲୁକ୍‌ର ୱିଣ୍ଟର୍ କୋଟ୍





**ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଅନେକେ ୱିଣ୍ଟର୍ କୋଟ୍ ପିନ୍ଧିବା ଲାଗି ପସନ୍ଦ କରିଥାନ୍ତି। କିନ୍ତୁ ଏଠାରେ ଯେଉଁ ୱିଣ୍ଟର୍ କୋଟ୍‌ଗୁଡ଼ିକ ସମ୍ପର୍କରେ କୁହାଯାଉଛି ତାକୁ କିଣିବା ପୂର୍ବରୁ ଅନେକେ ଚିନ୍ତା କରିବେ, ଏହାକୁ କିଣିବେ ନା କିଣିବେନି। କାରଣ ଏହି କୋଟ୍‌ଗୁଡ଼ିକର ଡିଜାଇନ୍ ବେଶ୍ ଅଜବ, ଯାହାକୁ ପିନ୍ଧିବା ହୁଏତ ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇ ନ ପାରେ...**

**ଦ ରେକ୍ଟାଙ୍ଗୁଲାର୍ ୱିଣ୍ଟର୍ କୋଟ୍:** ରେକ୍ଟାଙ୍ଗୁଲାର୍ ବା ଆୟତାକାର ସେପ୍‌ର ଏହି କୋଟ୍ ଦେଖିବାକୁ ଟିକେ ଭିନ୍ନ ହୋଇଥାଏ। ଏହାକୁ ଦେହରେ ପିନ୍ଧିଲେ ଲାଗେ ସତେ ଯେମିତି ଏକ ଖୋଳ ଦେହରେ ଗଳା ହୋଇଛି।



**ଗ୍ରୀନ୍ ହ୍ୟାଣ୍ଡ୍ସ:** ସବୁଜ ରଙ୍ଗର ଏହି କୋଟ୍‌ର ସମ୍ମୁଖ ପଟେ ଆଲିଙ୍ଗନ କଲା ଭଳି ତିନୋଟି ଫେଜ୍‌ରେ ହାତ ରହିଛି। ଏହାକୁ ପିନ୍ଧିଲେ କେହି ଆପଣଙ୍କୁ ଆଲିଙ୍ଗନ କଲାଭଳି ଅନୁଭବ ହେବ।

**ପ୍ଲାଣ୍ଟ ଇନ୍‌ଫେଷ୍ଟେଡ୍:** ଏମିତି ବି ୱିଣ୍ଟର କୋଟ୍ ଅଛି, ଯେଉଁଥିରେ ଗଛ ଉଠିଥିବାର ଅଜବ ଦୃଶ୍ୟ ଦେଖିବାକୁ ମିଳିଥାଏ। ପ୍ରକୃତରେ ଏଥିରେ ଗଛ ଉଠି ନ ଥାଏ, ଏହାର ଡିଜାଇନ୍ ହିଁ ସେମିତି କରାଯାଇଥାଏ।



**ଏକ୍ସଟ୍ରିମ୍ ଫର୍:** ପଶୁମାନଙ୍କର ଲୋମ ସଦୃଶ ଦେଖାଯିବା ଭଳି ସ୍ୱତନ୍ତ୍ର ପ୍ରକାର ସୂତାରେ ତିଆରି ଏହି ୱିଣ୍ଟର୍ କୋଟ୍‌ର ଡିଜାଇନ୍ ବି ଦେଖିବାକୁ ବେଶ୍ ଅଜବ ଲାଗିଥାଏ। ଏହା ଶୀତରୁ ରକ୍ଷା କରେ ସତ କିନ୍ତୁ ଆଖିକୁ ସେତେ ଆକର୍ଷଣୀୟ ଲାଗି ନଥାଏ।

**ବିୟର୍ କୋଟ୍:** ଏହି କୋଟ୍‌ରେ ଲାଗିଥିବା ଟୋପିରେ ଅବିକଳ ଭାଲୁର ମୁହଁ ସଦୃଶ ଡିଜାଇନ୍ କରାଯାଇଥାଏ। ଦେଖିବାକୁ ଏହା ଟିକେ ଅଜବ ଲାଗିଲେ ବି ଡିଫରେଣ୍ଟ ଲୁକ୍ ପାଇଁ ଏହାକୁ ଆପଣ ଚାହିଁଲେ ଟ୍ରାଏ କରିପାରିବେ।

**ନୋଟେବଲ୍ ସୋଲ୍ଡର୍ସ:** ଏହି ୱିଣ୍ଟର୍ କୋଟ୍‌କୁ ଏମିତି ଡିଜାଇନ୍ କରାଯାଇଛି, ଯାହାକୁ ପିନ୍ଧିଲେ କାନ୍ଧ ଟିକେ ଅଧିକ ଚଉଡା ଦେଖାଯାଇଥାଏ। ତା'ଛଡ଼ା କାନ୍ଧ ସହିତ ବେକ ଲାଗିଗଲା ପରି ବି ଅନୁଭବ ହୋଇଥାଏ।

**ହ୍ୟାଣ୍ଡ୍ସ ଅଲ୍ ଓଭର୍:** କପଡାରେ ତିଆରି ଅନେକ ହାତ ବେକ ଚାରିପଟେ ଓହଳିକି ରହିଲା ଭଳି ଏହି କୋଟ୍‌ର ଡିଜାଇନ୍ ହୋଇଥାଏ। ତା'ସହିତ ବେକ ପାଖରେ ଆଲିଙ୍ଗନ୍ ସେପ୍‌ର ଏକ ହାତ ମଧ୍ୟ ରହିଥାଏ।

**ଆଣ୍ଟମ୍ୟାନ୍:** ପିମ୍ପୁଡିର ଗୋଡ ଯେମିତି ଦେଖାଯାଏ, ଠିକ୍ ସେହିଭଳି ଡିଜାଇନ୍‌ରେ ଏହି କୋଟ୍‌କୁ ତିଆରି କରାଯାଇଥାଏ। ଖାସ୍ ସେଥିପାଇଁ ଏହା ଦେଖିବାକୁ ବେଶ୍ ଅଜବ ଲାଗିଥାଏ।

**ଡବଲ୍ ଟେକ୍:** ଦୁଇଟି ଭିନ୍ନ ଭିନ୍ନ ରଙ୍ଗ ଓ ଡିଜାଇନ୍‌ର କପଡାକୁ ନେଇ ଏହି କୋଟ୍‌କୁ ତିଆରି କରାଯାଇଥାଏ। ସେଥିପାଇଁ ଏହା ଦେଖିବାକୁ ଟିକେ ଡିଫରେଣ୍ଟ ଲାଗିଥାଏ।

**ବିୟର୍ ହେଡ୍ସ:** ଏହି କୋଟ୍‌ର ଉଭୟ କାନ୍ଧ ପାଖରେ ଅବିକଳ ଭାଲୁର ମୁଣ୍ଡ ସଦୃଶ ଡିଜାଇନ୍ କରାଯାଇଥାଏ। ଏହା ଦେଖିବାକୁ ଯେମିତି ଫନି ଲାଗେ ସେମିତି ପିନ୍ଧିଲେ ଡିଫରେଣ୍ଟ ଲୁକ୍ ବି ଦେଇଥାଏ।

**ଜ୍ୟୋମେଟ୍ରି ଏକ୍ସପ୍ଲୋଜନ୍:** ବିଭିନ୍ନ ପ୍ରକାରର ଜ୍ୟାମିତିକ ଚିତ୍ରକୁ ନେଇ ଏହି କୋଟ୍‌ଗୁଡ଼ିକ ଡିଜାଇନ୍ ହୋଇଥାଏ, ଯାହାକୁ ପିନ୍ଧିଲେ ଭିନ୍ନ ଲୁକ୍ ମିଳିବା ସହ ନିଆରା ଅନୁଭବ ମଧ୍ୟ ମିଳେ।


**ବାର୍ଡ କେଜ୍:** ପକ୍ଷୀମାନଙ୍କ ପଞ୍ଜୁରି ଭଳି ଅବିକଳ ଦେଖାଯାଉଥିବା ଏହି କୋଟ୍‌ର ଡିଜାଇନ୍ ବି ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ। ପୁରୁଷଙ୍କ ଅପେକ୍ଷା ଖାସ୍ କରି ମହିଳାମାନଙ୍କୁ ଏହି କୋଟ୍ ଭଲ ମାନିଥାଏ।











# ସଙ୍ଗୀତ ସାଧନାରେ ସତ୍ୟନାରାୟଣ

ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ତାଙ୍କର ରହିଛି ଆଦର । ସେ ଏକାଧାରରେ ଜଣେ କବି, ଗୀତିକାର, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ। ବିଭିନ୍ନ ମହୋତ୍ସବରେ ମଞ୍ଚ ସଂଯୋଜନା କରିବାରେ ତାଙ୍କର ନିଆରା ପରିଚୟ ରହିଛି। ସଙ୍ଗୀତ କ୍ଷେତ୍ରରେ ବି ରହିଛି ଦକ୍ଷତା। ତାଙ୍କ ମନପ୍ରାଣରେ ସର୍ବଦା ସଙ୍ଗୀତର ସ୍ୱର। କଳାର ଉତ୍କର୍ଷ ପାଇଁ ତାଙ୍କୁ ମିଳିଛି ଅନେକ ସମ୍ମାନ। ସ୍କୁଲ ବୟସରେ ଅନାଅନା ଅନାଲୋ ମିତ, ଆହେ ଜଗନ୍ନାଥ ଆହେ ବଳଭଦ୍ର ଭଜନ ଗାଇ ଖୁବ ପ୍ରସଂଶିତ ହୋଇଛନ୍ତି। ସେ ହେଲେ ସତ୍ୟନାରାୟଣ ମହାପାତ୍ର। ଜନ୍ମ ୫।୧।୧୯୭୮ମସିହାରେ। ପିତା ତ୍ରିନାଥ ମହାପାତ୍ର । ମା' ମନୋରମା ମହାପାତ୍ର। ଘର ନୟାଗଡ଼ ଜିଲା ରଣପୁର ଦାଣ୍ଡସାହିରେ। ସେ କୁହନ୍ତି, ମୋ ନନା ଥିଲେ ଅନ୍ନପୂର୍ଣ୍ଣା ଥିଏଟରର ଜଣେ ଜଣାଶୁଣା କଳାକାର। ଯେକି ଲକ୍ଷେହୀରା ନାଟକରେ ସେ ବିଷ୍ଣୁ ଦାସ ଚରିତ୍ରରେ ଅଭିନୟ କରିଥିଲେ। କିନ୍ତୁ ପିଲାଟି ଦିନରୁ ସଙ୍ଗୀତ ପ୍ରତି ମୋର ଥିଲା ଆଗ୍ରହ ଓ ଦୁର୍ବଳତା । ସ୍କୁଲ ବୟସରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସେତେବେଳେ ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଅରବିନ୍ଦ ମୁଦୁଲି,ଭଜନସମ୍ରାଟ ଭିକାରୀ ବଳଙ୍କ ସହ ପୁରୀ ଶରଧାବାଲି ଭଜନସମାରୋହରେ ଯୋଗଦେବାର ସୌଭାଗ୍ୟ ଲାଭ କରିପାରିଥିଲି। ସଙ୍ଗୀତରେ କଣ୍ଠଦାନ କରିବାରେ ନିଆରା ପରିଚୟ ମିଳିଛି। ଗାଁ ସ୍କୁଲ ପଢ଼ାସାରି ସ୍ଥାନୀୟ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚବିଦ୍ୟାଳୟରୁ ୧୦ମ ପାସ୍ କଲି। ତା'ପରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ କଣ୍ଠସଙ୍ଗୀତରେ ସ୍ନାତକୋତ୍ତର ଏବଂ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ସଙ୍ଗୀତ ବିଶାରଦ ଭାବେ ଶିକ୍ଷାଲାଭ କରିଛି। ମୋର ସଙ୍ଗୀତ ଗୁରୁ ଭାବେ ମୋର ନନା, ଭଜନସମ୍ରାଟ ଭିକାରୀ ବଳ, ରାମହରି ଦାସ ପ୍ରମୁଖ। ରଣପୁର ମହୋତ୍ସବ, ନୟାଗଡ଼ ମହୋତ୍ସବ ଏବଂ ସ୍ଥାନୀୟ ଲୋକକଳା ଉତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚସଂଯୋଜନା କରିଥାଏ। ୨୦୦୦ମସିହାରୁ ରାମଚନ୍ଦ୍ର-କଳ୍ପନା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସଙ୍ଗୀତ ଅଧ୍ୟାପକ ଭାବେ କାର୍ଯ୍ୟରତ। ଇଣ୍ଟରନ୍ୟାଶନାଲ ଥିଏଟର ଫେଷ୍ଟିଭାଲ ୧୯୯୬ରେ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଅଲଇଣ୍ଡିଆ ଡ୍ରାମା କମ୍ପିଟିଶନରେ ଶ୍ରେଷ୍ଠ କଣ୍ଠଶିଳ୍ପୀ,ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସଙ୍ଗୀତକଳା ପ୍ରତିଯୋଗିତାରେ ଗାୟକ ସ୍ୱର୍ଣ୍ଣକମଳ, ଗାୟକ କଳିକା ଆଦି ଏକାଧିକ ସମ୍ମାନ ପାଇଛି। ରଣପୁର ମହୋତ୍ସବରେ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇଛି। ଆକାଶବାଣୀ କଟକକେନ୍ଦ୍ରର ଜଣେ କଳାକାର ଭାବେ ବିଭିନ୍ନ କାର୍ଯ୍ୟକ୍ରମରେ କଣ୍ଠଦାନ କରିଛି। ସଙ୍ଗୀତ ସେବାକୁ ଈଶ୍ୱରୀୟ ସେବାଭାବେ ମନେକରି ବିଭିନ୍ନ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥାଏ। ମୋ ସଙ୍ଗୀତ ନିର୍ଦ୍ଦେଶନାରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି, କୁମାର ବାପି, ଅଲିଭା ସ୍ମୃତି, ଅନ୍ତରା ପ୍ରମୁଖ କଣ୍ଠଦାନ କରିଛନ୍ତି। ସେହିପରି ଟେଲିଫିଲ୍ମ ଦୃଷ୍ଟାନ୍ତ ଏବଂ ଉଆଁସୀ କନ୍ୟା, ପଣତକାନି, ବଡ଼ଘର ବଡ଼ଗୁମରକଥା, ଭାରି ଅବୁଝା ଏମନ ଆଦି ଟେଲି ଧାରାବାହିକରେ ଅଭିନୟ କରିଛି। ପୁରୀ,ଫୁଲବାଣୀ,ଗଞ୍ଜାମ,ବୌଦ୍ଧ,ଭୁବନେଶ୍ୱର ଆଦି ବିଭିନ୍ନ ଅଞ୍ଚଳରେ ଆୟୋଜିତ ଯାତ୍ରାମଞ୍ଚରେ ଏକାଧିକ ସାମାଜିକ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛି। ସେହିପରି ସଖୀ ଧରଲୋ, ପତିତପାବନବାନା, ମା ତୋର ପାଦଧୂଳି, ନାଗାର୍ଜୁନ ଆଦି ଭଜନସିଡୀରେ ସଙ୍ଗୀତ ନିର୍ଦ୍ଦେଶନା ଓ କଣ୍ଠଦାନ ଦେଇଛି। ରଣପୁରଠାରେ ମୋ ନନା ପ୍ରତିଷ୍ଠା କରିଥିବା ସଙ୍ଗୀତ କଳାବିଦ୍ୟାନିକେତନରେ ସଙ୍ଗୀତକଳାର ସାଧନା ଜାରି ରଖିଛି। ସଙ୍ଗୀତରେ ଶାନ୍ତି, ସଙ୍ଗୀତରେ ମୁକ୍ତି ଏବଂ ସଙ୍ଗୀତରେ ଜୀବନକୁ ବୁଝୁଥିବା ସଙ୍ଗୀତ ପ୍ରେମୀ ଓ କଳାପ୍ରେମୀମାନଙ୍କୁ ମୋର ଅନୁରୋଧ ସଙ୍ଗୀତ ପ୍ରତି ଅଧିକ ଶ୍ରଦ୍ଧା, ଭକ୍ତିସ୍ୱରକୁ ଭଲପାଇବା ବାଣ୍ଟନ୍ତୁ ।



–ବନବିହାରୀ

# ଖାଦ୍ୟ ଦେବ ଉଷ୍ମତା

**ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଇବା ପିଇବା ଉପରେ ବିଶେଷ ଧ୍ୟାନଦେବାକୁ ହୋଇଥାଏ। ତେଣୁ ଏଠାରେ ସେମିତି କେତୋଟି ଖାଦ୍ୟ ବିଷୟରେ ଉଲ୍ଲେଖ କରାଯାଇଛି, ଯାହାର ସେବନଦ୍ୱାରା ଶୀତଦିନେ ଶରୀରକୁ ଉଷ୍ମତା ମିଳିବା ସହ ଫୂର୍ତ୍ତି ଲାଗିଥାଏ...**

**ଗୁଡ଼:** ଏଥିରେ ଅନେକ ପ୍ରକାରର ମିନେରାଲ୍ସ ଓ ଭିଟାମିନ୍ସ ଭରି ରହିଛି। ଏହାକୁ ସେବନ କଲେ ଅଧକପାଳି ମୁଣ୍ଡବିନ୍ଧା, ଥଣ୍ଡା, ଶ୍ୱାସରୋଗରୁ ସାମାନ୍ୟ ଉପଶମ ମିଳିଥାଏ। ପାଚନକ୍ରିୟାକୁ ଠିକ୍ ରଖିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶୀତଦିନେ ଗୁଡ଼ ଓ ରାଶି କିମ୍ବା ଗୁଡ଼ ଓ ଚିନାବାଦାମର ଲଡୁ ଖାଇଲେ ଶରୀରକୁ ଉଷ୍ମତା ମିଳିଥାଏ।

**ନଟ୍ସ:** ପିସ୍ତାବାଦାମ ଓ ଅଖରୋଟ ଇତ୍ୟାଦି ନଟ୍ସରେ ବି ପ୍ରଚୁର ପରିମାଣରେ ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଛି। ଶୁଖିଲା ନଟ୍ସ ହେଉ କିମ୍ବା ବିଭିନ୍ନ ପ୍ରକାରର ନଟ୍ସରେ ତିଆରି ଲଡୁ ଖାଇଲେ ଶରୀରକୁ ବହୁ ଫାଇଦା ମିଳିଥାଏ। ଖାସ୍‌କରି ଶୀତଦିନେ ଏହି ଲଡୁ ଖାଇଲେ କିମ୍ବା ନଖଉଷୁମ କ୍ଷୀରରେ ବାଦାମ ତଥା ଅଖରୋଟ୍ ପାଉଡର ମିଶାଇ ପିଇଲେ ବେଶ୍ ଫୂର୍ତ୍ତି ଲାଗିଥାଏ।

**ଅଦା:** ଅଦା ସେବନର ବହୁ ଉପକାର ରହିଛି। ଏହା ଥଣ୍ଡା,କାଶ, ପାଚନ କ୍ରିୟା, ଜ୍ୱର, ଏସିଡିଟି ସମସ୍ୟାରୁ ମୁକ୍ତି ଦେଇଥାଏ। ଶୀତଦିନେ ଯଦି ଅଦା ମିଶ୍ରିତ ଗ୍ରୀନ୍ ଟି କିମ୍ବା ନର୍ମାଲ ଟି ପିଆଯାଏ, ତା'ହେଲେ ଶରୀରକୁ ଆଭ୍ୟନ୍ତରରୁ ଉଷ୍ମତା ମିଳିଥାଏ।



**ହଳଦୀ:** ହଳଦୀରେ ମଧ୍ୟ ଏମିତି କିଛି ଗୁଣ ଭରି ରହିଛି, ଯାହା ଶରୀରକୁ ପ୍ରାକୃତିକ ଉପାୟରେ ଉଷୁମ ପ୍ରଦାନ କରିଥାଏ। ନଖଉଷୁମ କ୍ଷୀରରେ ସାମାନ୍ୟ ହଳଦୀ ମିଶାଇ ପିଇଲେ ଏହା ବେଶ୍ ଭଲ କାମ କରିଥାଏ।

**ମହୁ:** ଶରୀରକୁ ସୁସ୍ଥ, ନୀରୋଗ ଏବଂ ଫୂର୍ତ୍ତି ରଖିବାରେ ବିଶେଷ ଭୂମିକା ରହିଛି ମହୁର। ସେଥିପାଇଁ ଆୟୁର୍ବେଦରେ ମହୁକୁ ଅମୃତ ସହ ତୁଳନା କରାଯାଇଥାଏ। ପାଚନକ୍ରିୟାକୁ ଠିକ୍ ରଖିବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମିତିରେ ସବୁ ଋତୁରେ ମହୁ ସେବନ କରିବା ଶରୀର ପକ୍ଷେ ହିତକର। ଖାସ୍ କରି ଶୀତଦିନେ ଏହାକୁ ଖାଇଲେ ଶରୀରରେ ଫୂର୍ତ୍ତି ଆସିଥାଏ।

**ଖଜୁରି:** ସୁପର ଫୁଡ୍ ଲିଷ୍ଟ ଭିତରେ ଖଜୁରିର ନାଁ ଆସେ। ଏଥିରେ ବିଭିନ୍ନ ପ୍ରକାରର ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଛି। ଶୀତଦିନେ ଏହାର ସେବନ ଶରୀରକୁ ଉଷ୍ମତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଊର୍ଜ୍ଜା ବୃଦ୍ଧି କରିଥାଏ।

**ରସୁଣ:** ରସୁଣ ସେବନ ବି ଶରୀର ପକ୍ଷେ ହିତକର। ହୃତ୍‌ପିଣ୍ଡଜନିତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହା ବେଶ୍ ଉପକାରୀ। ଥଣ୍ଡାକାଶ ରୋଗରୁ ଉପଶମ ଦେବା ସହ ପାଚନ କ୍ରିୟାକୁ ସକ୍ରିୟ କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେହିପରି ଶୀତଦିନେ ଏହାକୁ ଖାଇଲେ ଶରୀର ଗରମ ରହିଥାଏ। ରସୁଣକୁ ଖାଲି ଖାଇପାରିବେ ନଚେତ୍ ସୁପ୍, ରସମ୍, ଚଟଣି ଅବା ସନ୍ତୁଳାରେ ପକେଇ ଖାଇଲେ ବି ଉପକାର ମିଳିଥାଏ।

**ରାଶି:** ଶୀତଦିନେ ରାଶି ଖାଇଲେ ଶରୀରରେ ଊର୍ଜ୍ଜା ବୃଦ୍ଧି ହୋଇଥାଏ। ତଥ୍ୟ ଅନୁସାରେ, ମିଶ୍ରି ପାଣିରେ ରାଶିକୁ ଫୁଟାଇ ପିଇଲେ ଛାତିରେ ଜମାଟ ବାନ୍ଧିଥିବା କଫ ସମସ୍ୟାରୁ ମୁକ୍ତି ମିଳିଥାଏ। ଶରୀରକୁ ସୁସ୍ଥ ରଖିବା ସହ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ବି ରାଶିର ବିଶେଷ ଭୂମିକା ରହିଛି।



# ପ୍ରଣୟିନୀ

– ଡ. କିଶୋର ମହାନ୍ତି

**ନୀ**ଳ ନିର୍ଜନେ...
କାହାର ଏ ଛାୟା,
ମନ୍ତ୍ରମୁଗ୍ଧ କରେ...
ସତେକି ଉର୍ବଶୀ !
ନୀଳ ଚିଟାଉରେ ଲେଖିଦେଇ
ଫିଙ୍ଗି ଦେଇଛି ସନ୍ତର୍ପଣରେ
ପ୍ରଣୟର ମଧୁ ଅନୁସୂଚୀ...
ଅନୁରାଗର ରାଗ ରଙ୍ଗରେ ଉଦ୍ଭାସିତ
ବାହୁ ତୋଳି ବାର ବାର ଡାକୁଛି ।
ଏ ତ ନୀଳ ଆକାଶ ଦୂର ବନାନୀର ମାୟା
ଚାରୁ ଚିତ୍ରପଟଟିଏ କିଏ ଟାଙ୍ଗି ଦେଇଛି
ନିଦୁଆ ନିଶୀଥ କଡ ଲେଉଟାଉଛି
ନୀଳ ନୀଳ ଆଖିରେ ପ୍ରେମର ଇସାରା
ତୃଷ୍ଣାବତୀ ନା ମାୟାବତୀ ହେବପରା
କୃଷ୍ଣ କେଶ ଦାମରେ ଲହଡା ଖାଉଛି ରଜନୀଗନ୍ଧାର ରାତି
ଛାତିରେ ଛାତିରେ ତାର ସତେ ଅମାପ ତାତି..
ଅବଶ୍ୟ ଶୀତର କାକରରେ ଭିଜୁଛି ପଣତ
ଅପେକ୍ଷାରେ ସେ ଚାହିଁଛି
କେବେ ଫେରିବ ତା' ସାଥୀ... !

–ସିଡିଏ, କଟକ–୧୪
ମୋ–୯୪୩୭୭୨୮୪୭୫

# ରୁପା ଗିନା

– ଶିବ ମିଶ୍ର

**ପି**ଲାଦିନ ଧୂଳିଖେଳ, ତା'ପରେ ନଈ ପହଁରା, ଗଛଚଢା ପୁଣି ସ୍କୁଲରୁ କଲେଜ ପାଠ ପଢା ଯାଏ, ଅତୁଟ ରହିଥିବା ଆମ ଯୋଡ଼ି, ଚାକିରି ବେଳକୁ ମୋଡ଼ ନେଇ, ଆମ ଦୁହିଁଙ୍କୁ ପାଖଛଡା କରିଦେଇଥିଲା । ହେଲେ, ଦଶବର୍ଷ ପରେ  ବଦଳି ସୁଅରେ ପଡି ଆମେ ଦୁଇବନ୍ଧୁ ଗୋଟିଏ ସହରରେ ପହଞ୍ଚିଗଲୁ । ଦୁହିଁଙ୍କର କାର୍ଯ୍ୟାଳୟ ଅଲଗା, ବସା ଅଲଗା ହେଲେ ବି ସନ୍ଧ୍ୟାରେ ଭେଟଭାଟ, ଗପସପ, ମଉଜ ମସ୍ତି ପୁଣି ଜମିଲା ।  ଏବେ ଦିନେ ମୁଁ ମୋ ସାଙ୍ଗକୁ ପଚାରିଲି, ''ତୋର ସେ ଗିନା କଥା ମନେଅଛି ? ତୋର, ସେହି ପିଲାବେଳର କ୍ଷୀର ପିଆ ଗିନା  ! ତୁ ଯୋଉଟାକୁ ପୂରା ନିଜର କରି, ପାଖରେ ରଖିଥିଲୁ, ଆଉ କାହାକୁ ଛୁଇଁବାକୁ ବି ଦେଉ ନ ଥିଲୁ ।'' ସିଏ କହିଲା– ହଁ ସେ ରୁପାଗିନାଟାକୁ ଏବେ ବି ମୋ ପାଖରେ ରଖିଛି । ମୁଁ କହିଲି– ନା, ଏବେ ତୋ ପାଖରେ ଯୋଉଟା ଅଛି, ସେଇଟା ନକଲି । ତୋ' ଅସଲି ରୁପା–ଗିନାଟି ମୋ ପାଖରେ ଅଛି । ସିଏ ମୋତେ କିଛି କହିଲା ପରି ଆଖିରେ ଚାହିଁବାରୁ, ମୁଁ କହିଲି– ମୋ ଚାକିରି ଆରମ୍ଭ ଦିନରୁ ବାପା ବୋଉ, ମୋ ପାଖରେ ରହୁଥିବାରୁ । ମୁଁ ପ୍ରାୟ ଗାଁକୁ ଯାଏ ନାହିଁ । ହେଲେ ଗତକାଲି ଯାଇଥିଲି । ତମ ଘରକୁ ବି ଯାଇଥିଲି । ତମ ଘରର ଗୋଟେ କୋଣରେ ପଡ଼ିଥିବା ସେ ରୁପା ଗିନାଟାକୁ ନେଇ ଆସିଛି । ସିଏ ହସି ଦେଇ କହିଲା– ମିଛ କଥା । ମୁଁ କହିଲି–ତୁ' ଯଦି ସତ ଭାବୁନୁ, ତେବେ କାଲି ମୋ ବସା ଆଡେ ଆସିବୁ, ଦେଖିବୁ ।

ତା'ପର ଦିନ ସନ୍ଧ୍ୟା ବେଳକୁ ସିଏ ମୋ ବସାକୁ ଆସି କହିଲା– କାହିଁ ସେ ରୁପାଗିନା କାହିଁ  ? ମୁଁ କହିଲି– ଟିକିଏ ବସେ, ଚା' ପିଇ, ତା'ପରେ... । ଏତିକି ବେଳକୁ, ମନ୍ଦିରକୁ ଯାଇଥିବା ମୋ ବୋଉ ଦାଣ୍ଡ କବାଟ ଠେଲି ଘରକୁ ଆସିଲା, ତା' ସାଙ୍ଗରେ ଥିଲେ, ସେଇ ସାଙ୍ଗର ବୋଉ, ସତୁରି ପଞ୍ଚସ୍ତରି ବର୍ଷର ବିଧବା ବୁଢ଼ୀ । ଆମଘରେ ତା'ର ବୋଉଙ୍କୁ ଦେଖି, ମୋ ସାଙ୍ଗ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିବାବେଳେ, ମୁଁ କହିଲି–ତୁ ମିଛ ଭାବୁଥିଲୁ ପରା, ଏବେ ଦେଖିଲୁ ତ, ମୁଁ ନେଇ–ଆସିଛି, ତୁ ଗାଁ ଘରେ ପକାଇ ଦେଇ ଆସି ଥିବା ତୋ ପିଲାଦିନର କ୍ଷୀର ପିଆ ଅସଲି 'ରୁପାଗିନା' ।

– ବାଣପୁର / ଖୋରଧା
ମୋ– ୯୮୫୩୦୭୦୦୧୮

# ତିନୋଟି ଏକପଦୀ

–ବିପିନ ବିହାରୀ ରାଉତ

**ଶାନ୍ତି:**
ନିଜ ପାଖରୁ ମୁଁ ନିଜକୁ ଲୁଚାଇ
କେତେଦିନ ରଖିଥାନ୍ତି  ?
ଶେଷେ ନିଜ ପାଖେ ଧରା ଦେଇଦେଲି
ନିଜକୁ ମିଳିଲା ଶାନ୍ତି ।।

**ବନ୍ଧୁତା :**
ବନ୍ଧୁ ପଣରେ ମୁଁ ବନ୍ଧୁ ବାନ୍ଧିଥିଲି
ତୁମରି ସହିତ ବନ୍ଧୁ
କେଜାଣି କେମିତି ଆମ ବନ୍ଧୁତାରେ
ଜମିଲା ଏତେ ଅଳନ୍ଧୁ ।।

**ଜୀବନ :**
ଜୀବନକୁ ଏତେ ଭଲ ପାଉଥିଲି
ଜୀବନଟା ଏବେ ବିଷ
ମୃତ୍ୟୁର ଭୟ ଅପସରି ଯାଏ
ମରି ମରି ଆସେ ଶୋଷ ।।


– ସିଡିଏ, କଟକ

## ସମର୍ପଣ

– ବିପ୍ଳବ

**ଜୀ**ବନକୁ ମୋର
କାଚ କରିଦେଲି
ଭାଙ୍ଗିବାକୁ ନାହିଁ ଡର
ତମ ଖୁସି ପାଇଁ
ଛାତି ପାତିଦେଲି
ପଥର ମାରିଲେ ମାର  !

–ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬



# ଏ ମନ ଖୋଜୁଥାଏ ଯାହା

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ନିଜ ମନ ପସନ୍ଦର ଏକ ଟାଇଟଲ ବିଶିଷ୍ଟ ସିନେମାରେ ଅଭିନୟ କରିବା ପରେ ସୂର୍ଯ୍ୟକାନ୍ତ କିପରି ଖୁସିରେ ଉଚ୍ଛୁଳୁଛନ୍ତି। ଉକ୍ତ ଚଳଚ୍ଚିତ୍ରର ଶୀର୍ଷକ ରହିଛି 'ବାଳି'। ସାମ୍ପ୍ରତିକ ଘଟଣାକୁ ନେଇ ଫିଲ୍ମଟି ପ୍ରସ୍ତୁତ ହୋଇଛି। ଏଥିରେ ନିଜ ଭୂମିକା ସମ୍ପର୍କରେ ସୂର୍ଯ୍ୟକାନ୍ତ କହନ୍ତି, 'ସମାଜରେ ଘଟୁଥିବା ଅନ୍ୟାୟର ପ୍ରତିବାଦ କରିବାକୁ ଯୁବକଟିଏ ପ୍ରତିଜ୍ଞା କରିଛି। ଏଥିପାଇଁ ଯେତେ ଝଡ଼ଝଞ୍ଜା ଆସିଲେ ମଧ୍ୟ ତାହାକୁ ସାହସର ସହ ସାମ୍ନା କରିବାକୁ ସେ ତୟାର। ଗୋଟିଏ ବସ୍ତିର ଉଚ୍ଛେଦକୁ ନେଇ ତୁମ୍ବିତୋଫାନ ଉଠିଛି ଏବଂ ସେହି ବସ୍ତି ଭାଙ୍ଗିବାର ଦୃଢ଼ ବିରୋଧ କରିଛି ଏହି ଯୁବକ। କାରଣ ଲୋକମାନଙ୍କର ଉନ୍ନତି ହିଁ ତାହାର ମୂଳ ଲକ୍ଷ୍ୟ। ଏହାବ୍ୟତୀତ ଆକ୍ଟିଂ ସହ ମୁଁ ବ୍ୟକ୍ତିଗତ ଜୀବନରେ ସମାଜସେବା ସହ ନିଜକୁ ସବୁବେଳେ ନିୟୋଜିତ ରଖିଥାଏ। ତେଣୁ ସେପରି ଏକ ଭୂମିକା ପାଇବା ପରେ ମୁଁ ଖୁସିରେ ପାଗଳ ହୋଇଯାଇଥିଲି।' ଏହି ସିନେମାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ରିଲିଜ ଡେଟ୍ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ସୂର୍ଯ୍ୟକାନ୍ତ

# ବାଜି ମାରିଲେ କ୍ରିତି

ପ୍ରଭାସ ଏବଂ ସୈଫ ଅଲ୍ଲୀ ଖାଁଙ୍କୁ ନେଇ ନିର୍ମିତ ହେଉଥିବା ହିନ୍ଦୀ ସିନେମା 'ଆଦିପୁରୁଷ'କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହି ଫିଲ୍ମରେ ରାମ ଭୂମିକାରେ ପ୍ରଭାସ ଏବଂ ରାବଣ ରୋଲ୍‌ରେ ସୈଫ ଅଭିନୟ କରିବେ। ତେବେ ଏଥିରେ ସୀତା କିଏ ସାଜିବ-ସେ ନେଇ ନିର୍ଦ୍ଦେଶକ ଓମ୍ ରାଉତଙ୍କୁ ବେଶ୍ କସରତ କରିବାକୁ ପଡ଼ିଥିଲା। ଏହି ରୋଲ୍ ପାଇଁ ପ୍ରଥମେ କୀର୍ତ୍ତି ସୁରେଶଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଡେଟ୍ ପ୍ରୋବ୍ଲେମ ପାଇଁ ସେ ମନା କରିଦେଇଥିଲେ। ଏଥିପାଇଁ କିଆରା ଆଡଓ୍ୱାନୀଙ୍କ ନାମ ମଧ୍ୟ ବିଚାରକୁ ନିଆଯାଇଥିଲା। ହେଲେ ଶେଷରେ ଏଥିରେ ବାଜି ମାରିନେଇଛନ୍ତି କ୍ରିତି ସାନନ୍। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ମୋତେ ଏହି ରୋଲ୍ ପାଇଁ ଅଫର ମିଳିଲା ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। କେବଳ ପ୍ରଭାସ ନୁହନ୍ତି, ସୈଫ ମଧ୍ୟ ମୋ ଫେଭରାଇଟ୍ ଆକ୍ଟର। ଏହି ଦୁଇ ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲି।' ଏହି ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ଜାନୁୟାରୀରେ ଆରମ୍ଭ ହେବ ଏବଂ ଗୋଟିଏ କିମ୍ବା ଦୁଇଟି ସିଡ୍ୟୁଲରେ ଶେଷ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ବର୍ତ୍ତମାନ କ୍ରିତି 'ହମ୍ ଦୋ ହମାରେ ଦୋ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ଏବଂ ଏହାର ନାୟକ ଭୂମିକାରେ ଅଭିନୟ କରୁଛନ୍ତି ରାଜକୁମାର ରାଓ।


କ୍ରିତି

# କରନ୍‌ଙ୍କ ସ୍ୱପ୍ନ

କରନ୍ ଦେଓଲ। ନିଜ ହୋମ୍ ବ୍ୟାନରରେ ତଥା ବାପା ସନି ଦେଓଲଙ୍କ ନିର୍ଦ୍ଦେଶନାରେ ସେ ବଡ଼ ପରଦାରେ କ୍ୟାରିୟର ଆରମ୍ଭ କରିଥିଲେ। ଫିଲ୍ମଟି ଥିଲା 'ପଲ୍ ପଲ୍ ଦିଲ୍ କେ ପାସ୍'। କିନ୍ତୁ ଫିଲ୍ମଟିକୁ ଆଶାନୁରୂପ ସଫଳତା ମିଳି ନ ଥିଲା। ହେଲେ ଏଥର ତାଙ୍କର ଏକ ବଡ଼ ସ୍ୱପ୍ନ ପୂରଣ ହୋଇଛି। ସେ ଅଭିନୟ କରିବାକୁ ଯାଉଥିବା ସିନେମାରେ ତାଙ୍କ ବ୍ୟତୀତ ଜେଜେ ଧର୍ମେନ୍ଦ୍ର, ପାପା ସନ୍ନି ଏବଂ ଦାଦା ବବି ଦେଓଲ ଅଭିନୟ କରିବାକୁ ଯାଉଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଅନିଲ ଶର୍ମା। 'ଅପନେ-୨' ଟାଇଟଲବିଶିଷ୍ଟ ଏହି ସିକୁଏଲ୍ ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଦୀପକ ମୁକୁତ୍। ସୂଚନାଯୋଗ୍ୟ ପ୍ରାୟ ୧୩ବର୍ଷ ପୂର୍ବେ ନିର୍ମିତ 'ଅପନେ' ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ନିକଟରେ ଗୁରୁ ନାନକ ଜୟନ୍ତୀ ଅବସରରେ ଏହି ଫିଲ୍ମର ସିକୁଏଲ ନିର୍ମାଣ କରିବାକୁ ଧର୍ମେନ୍ଦ୍ରଙ୍କ ମତ ଲୋଡିଥିଲେ ପ୍ରଯୋଜକ ଏବଂ ଏ ନେଇ ସେ ସବୁଜ ସଙ୍କେତ ଦେଇଥିଲେ। ଏପରି ଏକ ସୁଯୋଗ ସମ୍ପର୍କରେ କରନ୍ କରନ୍ତି, 'ଏହି ଫିଲ୍ମଟି ମୋ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ। ଏହାର କାହାଣୀରେ ଆକ୍ସନ, ଇମୋଶନ, ଫ୍ୟାମିଲି ଡ୍ରାମା ରହିଛି। ସବୁଠାରୁ ଖାସ୍ କଥା ହେଲା ଜେଜେଙ୍କ ସହ ଏକାଠି ଆକ୍ଟିଂ କରିବାର ମଜା ନିଆରା। ସତ କଥା କହିବାକୁ ଗଲେ ମୋ ଆକ୍ଟିଂ ଜୀବନର ଏକ ବଡ ଆଶା ପୂରଣ ହୋଇଛି।' ସୋହମ ରକଷ୍ଟାର ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ମାର୍ଚ୍ଚରେ ଆରମ୍ଭ ହେବ ଏବଂ ଦୀପାବଳି (୨୦୨୧)ରେ ରିଲିଜ ହେବ।


କରନ

# ସାରା ହିଁ ବେଷ୍ଟ

ବରୁଣ ଧାଓ୍ୱନ ଏବଂ ସାରା ଅଲ୍ଲୀ ଖାଁଙ୍କୁ ନେଇ ନିର୍ମିତ ସିକୁଏଲ୍ ଫିଲ୍ମ 'କୁଲି ନଂ. ଓ୍ୱାନ୍' ଚଳିତ ମାସ ୨୫ରେ ରିଲିଜ ହେବ। ଯେହେତୁ ପ୍ରେକ୍ଷାଳୟ ବନ୍ଦ ରହିଛି ତେଣୁ ଓଟିଟି ଫର୍ମାଟରେ ମୁକ୍ତିଲାଭ କରିବ। ଅପରପକ୍ଷରେ ବରୁଣ ନିକଟରେ ଆଉ ଏକ ସିନେମା ସାଇନ୍ କରିଛନ୍ତି, ଯାହାର ନାୟିକା ଖୋଜା ଚାଲିଛି। ହେଲେ ଏ ନେଇ ବରୁଣ କ'ଣ କହନ୍ତି ଜାଣନ୍ତି ? ତାଙ୍କ ସହ ନୂଆ ସିନେମାରେ ସ୍କ୍ରିନ୍ ଶେୟାର କରିବାକୁ ସାରା ହିଁ ଫିଟ୍। ଏ ନେଇ ବରୁଣ କହନ୍ତି, 'କୁଲି ନଂ ଓ୍ୱାନ୍‌ରେ ସାରାଙ୍କ ଅଭିନୟ ମୋତେ ବେଶ୍ ଇମ୍ପ୍ରେଶ କରିଛି। କେବଳ ସେତିକି ନୁହେଁ, ଭବିଷ୍ୟତରେ ଯଦି ତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ ମିଳେ ତେବେ ମନା କରିବି ନାହିଁ। ନିକଟରେ ମୁଁ ସାଇନ୍ କରିଥିବା ନୂଆ ସିନେମାର ନାୟିକା ରୋଲ୍ ପାଇଁ ସାରା ହିଁ ଫିଟ୍। ମୁଁ ସିନା ଏକଥା କହୁଛି ହେଲେ ସବୁକିଛି ପ୍ରଯୋଜକଙ୍କ ଉପରେ ନିର୍ଭର କରେ।' ବରୁଣ-ସାରାଙ୍କୁ ନେଇ ପ୍ରସ୍ତୁତ 'କୁଲି ନଂ ଓ୍ୱାନ୍'ର ନିର୍ଦ୍ଦେଶନା ଦେଇଛନ୍ତି ଡେଭିଡ୍ ଧାଓ୍ୱନ୍। ଏହାପୂର୍ବରୁ ଡେଭିଡ୍‌ଙ୍କ ନିର୍ଦ୍ଦେଶନାରେ ଗୋବିନ୍ଦା ଏବଂ କରିସ୍ମା କପୁରଙ୍କୁ ନେଇ ମୁକ୍ତିଲାଭ କରିଥିବା 'କୁଲି ନଂ ଓ୍ୱାନ୍' ସୁପରହିଟ୍ ହୋଇଥିଲା।


ସାରା-ବରୁଣ

# ଦିନ ଗଣୁଛନ୍ତି ରିଚା

ରିଚା ଚଡ୍ଢାଙ୍କ ମନ ଆଉ କେଉଁଠି ଲାଗୁନି। ରିଲିଜ ଡେଟ୍ ଯେତିକି ପାଖେଇ ଆସୁଛି ତାଙ୍କର ଉତ୍କଣ୍ଠା ସେତିକି ବଢ଼ି ବଢ଼ି ଯାଉଛି। କଥା କ'ଣ କି ସେ ଅଭିନୟ କରିଥିବା ହିନ୍ଦୀ ସିନେମା 'ଶକିଲା' ଚଳିତ ମାସ ୨୫ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ଯେହେତୁ ପ୍ରେକ୍ଷାଳୟ ବନ୍ଦ ରହିଛି ତେଣୁ ଓଟିଟି ଫର୍ମାଟରେ ଏହା ମୁକ୍ତିଲାଭ କରିବ। ନିକଟରେ ଏହାର ପ୍ରଥମ ପୋଷ୍ଟର ରିଲିଜ ହୋଇଛି, ଯେଉଁଥିରେ ରିଚା ନାଲି ଶାଢ଼ି ପିନ୍ଧିବା ସହ ହାତରେ ବନ୍ଧୁକ ଧରିଛନ୍ତି। ଆଇଟମ୍ ନମ୍ବରରେ ଅଭିନୟ କରି ଶକିଲା ଦକ୍ଷିଣ ଭାରତୀୟ ସିନେମାରେ ହଇଚଇ ସୃଷ୍ଟି କରିଥିଲେ। ତାଙ୍କର ସଂଘର୍ଷମୟ ଜୀବନୀକୁ ନେଇ ଏହି ବାୟୋପିକ୍‌ର ନିର୍ଦ୍ଦେଶନା ଦେଇଛନ୍ତି ଇନ୍ଦ୍ରଜିତ ଲଙ୍କେଶ। ଏ ନେଇ ରିଚା କହନ୍ତି, 'ଏପରି ଏକ ଭୂମିକାରେ ଅଭିନୟ କରିବା ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଏଥିପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମୋର ଆଶା।' ତେବେ ଏହି ସିନେମା ବକ୍ସ ଅଫିସରେ କେତେ ସଫଳ ହେଉଛି ତାହା ପରଦା ଉପରକୁ ଆସିଲେ ହିଁ ଜଣାପଡ଼ିବ।


ରିଚା

# ମନ ରାଇଜର ସ୍ୱପ୍ନ ସୁନ୍ଦରୀ ରଙ୍ଗିଲା ମନକୁ କରିଛି ଚୋରି

**ପ୍ରଶ୍ନ**–ସେହି ସୁନ୍ଦରୀ ସବୁବେଳେ ମୋ ସ୍ୱପ୍ନରେ ଆସନ୍ତି। ଦେଖୁ ଦେଖୁ ତାଙ୍କ ପ୍ରେମରେ ମୁଁ ପଡିଯାଇଛି। ହେଲେ ତା'ସହ କେବେ ବାସ୍ତବରେ ସାକ୍ଷାତ ହେବ ଜାଣିପାରୁନି। କ'ଣ କରିବି ?

*–ଆଶୁତୋଷ ସାହୁ, ରେଢ଼ାଖୋଲ*

**ଉତ୍ତର:** ସ୍ୱପ୍ନ ଏକ କ୍ଷଣିକ ବାସ୍ତବତା। ହେଲେ ତା' ପଛରେ କେତେ ସତ ଲୁଚିଥାଏ ତାହା ଜାଣିବା କଷ୍ଟକର। ତେବେ ସେହି କ୍ଷଣିକ ଖୁସିରେ ଅନେକେ ଆତ୍ମହରା ହୋଇ ବାସ୍ତବତାକୁ ଭୁଲିଯାଆନ୍ତି। ଆପଣଙ୍କ ମନ ରାଇଜର ସ୍ୱପ୍ନ ଆକାଶରେ ଉଙ୍କି ମାରିଥିବା ସୁନ୍ଦରୀ ପ୍ରେମରେ ଆପଣ ପଡିଯାଇଛନ୍ତି। 'ମନ ରାଇଜର ସ୍ୱପ୍ନ ସୁନ୍ଦରୀ, ରଙ୍ଗିଲା ମନକୁ କରିଛି ଚୋରି।' ଏକଥା ଆପଣଙ୍କ ପାଇଁ ଠିକ୍। ହେଲେ ଏଥର ବାସ୍ତବ ଦୁନିଆକୁ ଆସନ୍ତୁ। ସେହି ସ୍ୱପ୍ନ ସୁନ୍ଦରୀକୁ ଖୋଜନ୍ତୁ। ଦେଖିବେ, ଦିନେ ନା ଦିନେ ଆପଣଙ୍କ ମନର ମାନସୀ ଆପଣଙ୍କୁ ମିଳିଯିବ।

**ପ୍ରଶ୍ନ**–ଏକାଥରେ ଦୁଇ ଜଣ ଝିଅଙ୍କ ପ୍ରେମରେ ପଡିଯାଇଛି। କାହାର ମନ ଭାଙ୍ଗି ପାରୁନି। ତେବେ କାହାକୁ ମୁଁ ବାହାହେବି ଅଡୁଆରେ ପଡିଯାଇଛି। ଏବେ କ'ଣ କରିବି ଜାଣିପାରୁନାହିଁ।

*–ଉଦୟ ନାୟକ, ବାଲେଶ୍ୱର*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇଟି ନାଆରେ ଗୋଡ ଦେବେ ନାହିଁ। କାରଣ ଏହି ଦୁଇ ନାଆରେ ବାଲାନ୍ସ କରି ଚାଲିବା ସହଜ ନୁହେଁ। ଯେତେବେଳେ ଏକାଥରେ ଦୁଇ ଜଣଙ୍କୁ ପ୍ରେମ କରିବସିଲେ ସେତେବେଳେ ଆପଣଙ୍କ ମନ ଆକାଶରେ ଉଡୁଥିଲା। ଏବେ କାହାକୁ ବାହା ହେବ ସେ ନେଇ ଅଡୁଆରେ ପଡିଛନ୍ତି। ଏପରି କ୍ଷେତ୍ରରେ ନିଜ ଡିସିସନ ଉପରେ ସବୁ କିଛି ନିର୍ଭର କରେ। ଯାହା ହେଲେ ବି ଜଣଙ୍କର ହାତ ଧରି ଘର ସଂସାର କରିବେ। ହିନ୍ଦୀ ସିନେମା 'ସାଜନ୍ ଚଲେ ସଶୁରାଲ୍'ରେ ଗୋବିନ୍ଦାଙ୍କର ଏକ ଡାଏଲଗ ମନେ ପଡେ। ତାହା ହେଲା,'ଜିନ୍ଦେଗୀ ମେଁ ସବୁକୁଛ୍ କର୍‌ନା, ମଗର୍ ଦୋ ଦୋ ଲଡକୀ କୋ ଏକ୍‌ସାଥ୍ ପ୍ୟାର୍ ମତ୍ କର୍‌ନା।' ଏଥର କି ନିଷ୍ପତ୍ତି ନେବେ ନିଜେ ଟିକେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**–ପ୍ରେମ ଆରମ୍ଭରେ ଭାରି ମିଠା ଲାଗେ। ହେଲେ ଶେଷ ଆଡକୁ କାହିଁକି ପିତା ଲାଗେ ?

*–ତନ୍ମୟ ରାଉତ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ସବୁ ପ୍ରେମ ଶେଷ ଆଡକୁ ପିତା ଲାଗେନା। ପ୍ରେମର ସ୍ୱାଦ ସମ୍ପୂର୍ଣ୍ଣ ଭାବରେ ପ୍ରେମିକା-ପ୍ରେମିକ ଉପରେ ନିର୍ଭର କରେ। କାରଣ ଏହାକୁ ଯେମିତି ଛୁଙ୍କ ଦେବ ତାହା ସେମିତି ବାସିବ। ମସଲାରେ ଏପଟ ସେପଟ ହେଲେ ସ୍ୱାଦ ବଦଳି ଯାଇଥାଏ। ତେଣୁ ପ୍ରେମ କରିବା ସମୟରେ ଠିକ୍ ଫର୍ମୁଲା ଆପ୍ଲାଏ କରନ୍ତୁ। ଦେଖିବେ ପ୍ରେମ ସବୁବେଳେ ରସଗୋଲା ପରି ମିଠା ଲାଗିବ।

**ପ୍ରଶ୍ନ**–କେବଳ କ'ଣ 'ଆଇ ଲଭ୍ ୟୁ' କହିଦେଲେ ପ୍ରେମ ହୋଇଯାଏ ? *–ଦିବାକର, ପୁରୀ*

**ଉତ୍ତର:**ପ୍ରେମର ପାଣିପାଗ ଯଦି ଠିକ୍ ଅଛି ତେବେ 'ଆଇ ଲଭ୍ ୟୁ' କହିଦେଲେ ପ୍ରେମର ସୁରୁଆତ ହୋଇଥାଏ। ହେଲେ ପରିସ୍ଥିତିକୁ ଭଲ ଭାବରେ ଅନୁଧ୍ୟାନ ନ କରି ବେଳକାଳ ନ ଦେଖି ଯଦି ଏମିତି କହିଦିଅନ୍ତି ତେବେ ଫଳାଫଳ ଓଲଟା ହେବାର ଆଶଙ୍କା ରହିଛି। ବାସ୍, ଥଣ୍ଡା ମିଜାସରେ ପରିସ୍ଥିତିକୁ ଲକ୍ଷ୍ୟ କରନ୍ତୁ ଆଉ ମଉକା ଦେଖି ଛକା ମାରନ୍ତୁ, ନା କ'ଣ କହୁଛନ୍ତି !



ସାଥୀ

## ପ୍ରଥମ ରୋଜଗାର


ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ପଟ୍ଟନାୟକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି–



# ପ୍ରଥମ ଦରମା ଟଙ୍କା ଜେଜେମା'ଙ୍କୁ ଦେଇଥିଲି

ନୟାଗଡ଼ ଜିଲା ଖୁଣ୍ଟୁବନ୍ଧ ଗାଁରେ ମୋ ଜନ୍ମ। ସ୍ଥାନୀୟ ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ନୟାଗଡ଼ କଲେଜରେ ଆଇ.ଏ., ବି.ଏ. ପଢ଼ିଥିଲି। ତା'ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଫିଲୋସଫିରେ ଏମ୍.ଏ. କରିବା ପରେ ପି.ଏଚ୍‌ଡି. ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲି। ହେଲେ ତାହାରି ଭିତରେ ହିଁ ମୋତେ ଚାକିରି ମିଳିଗଲା। ୧୯୮୮ରେ ଜନତା କଲେଜ, କୁହୁଡିରେ ଲଜିକ୍ ଆଣ୍ଡ ଫିଲୋସଫିର ଅଧ୍ୟାପକ ଭାବେ ମୁଁ ଜଏନ୍ କଲି। ସେତେବେଳେ ଏହି କଲେଜଟି ମ୍ୟାନେଜମେଣ୍ଟ ଦ୍ୱାରା ପରିଚାଳିତ ଥିଲା। ଆଉ ସେହି ମ୍ୟାନେଜମେଣ୍ଟ ତରଫରୁ ହିଁ ମୋତେ ୫୦୦ ଟଙ୍କା ଦରମା ମିଳିଲା। ପ୍ରଥମ ମାସ ଦରମାକୁ ନେଇ ମୋର ଅତି ପ୍ରିୟ ଜେଜେମା' ହାତରେ ଦେଲି। ସେ ଖୁସି ହୋଇ ମୋତେ କେତେ କ'ଣ ଆଶୀର୍ବାଦ କରି ପକାଇଲା। ୧୯୯୪ ମସିହାରେ ଏହି କଲେଜ ସରକାରୀ ସ୍ୱୀକୃତି ପାଇଲା। ଆଉ ମୋତେ ବି ସରକାରୀ ଅଧ୍ୟାପକ ସହ ଏନ୍.ଏସ୍.ଏସ୍. (ରାଷ୍ଟ୍ରୀୟ ସେବା ଯୋଜନା)ର ପ୍ରୋଗ୍ରାମ ଅଫିସର୍ ଭାବେ ଏଠାରେ ନୂତନ ଦାୟିତ୍ୱ ମିଳିଲା। ଯେହେତୁ ସ୍କୁଲ ବେଳେ ସ୍କାଉଟ୍‌ଗାଇଡରେ ମିଶି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବା ସହ ପ୍ରେସିଡେଣ୍ଟ୍ସ ଆୱାର୍ଡ ପାଇଥିଲି, ତେଣୁ ଏହି ଦାୟିତ୍ୱକୁ ତୁଲାଇବାରେ ମୋତେ କିଛି ଅସୁବିଧା ହେଲା ନାହିଁ। ବରଂ କିଛି ଜନହିତକର କାର୍ଯ୍ୟ କରିବା ପାଇଁ ପ୍ରେରଣା ମିଳିଲା। ୨୦୧୬ ଯାଏ ଏହି କଲେଜରେ ରହିଲି। ଆଉ ତା'ରି ଭିତରେ ମୁଁ ଦୁଇଥର ବେଷ୍ଟ ଏନ୍.ଏସ୍.ଏସ୍. ପ୍ରୋଗ୍ରାମ ଅଫିସର୍ ଭାବେ ଷ୍ଟେଟ୍ ଆୱାର୍ଡ ବି ପାଇଥିଲି। ତା'ସହିତ ୨୦୧୩ରେ ଏନ୍.ଏସ୍.ଏସ୍.ରେ ଭାଗ ନେଇଥିବା ଝିଅମାନଙ୍କୁ ନେଇ ସ୍ୱତନ୍ତ୍ର ପାଇକ ଟିମ୍ ଗଢି ସେମାନଙ୍କୁ ବିଭିନ୍ନ ସମରକଳା ଉପରେ ଟ୍ରେନିଂ ଦେଇଥିଲି। ପରବର୍ତ୍ତୀ ସମୟରେ ସେହି ଝିଅମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ସମରକଳା ପରିବେଷଣ କରି ଉଚ୍ଚ ପ୍ରଶଂସିତ ହେବା ସହ ପୁରସ୍କୃତ ମଧ୍ୟ ହୋଇଥିଲେ। କେବଳ ସେତିକି ନୁହେଁ ଏହି ଏନ୍.ଏସ୍.ଏସ୍. ପିଲାଙ୍କୁ ନେଇ କନ୍ୟାଭ୍ରୂଣ ହତ୍ୟା ଉପରେ ଅନେକ ପଥପ୍ରାନ୍ତ ନାଟକ କରିବା ସହ, ରକ୍ତଦାନ ଶିବିରର ଆୟୋଜନ, ପରିବେଶ ସୁରକ୍ଷା, ଏଡ୍‌ସ ସଚେତନତା, ଯୌତୁକ ବିରୋଧୀ ଅଭିଯାନ, ଚିଲିକାରେ ପକ୍ଷୀ ସୁରକ୍ଷା ଅଭିଯାନ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ବି କରିଥିଲି। ଆଉ ଏଥିପାଇଁ ବିଭିନ୍ନ ସଂସ୍ଥା ତରଫରୁ ମୋତେ ଅନେକ ପୁରସ୍କାର ବି ମିଳିଥିଲା। ସେହିପରି ନ୍ୟାଶନାଲ୍ ଇଣ୍ଟିଗ୍ରେସନ୍ କ୍ୟାମ୍ପ ପାଇଁ ୧୯୯୯ ମସିହାରେ ପଞ୍ଜାବର ମୋହାଲି ଏବଂ ୨୦୧୩ରେ କେରଳର ତ୍ରିଶୂରକୁ ଯାଇଥିଲି। ଏଥିସହିତ ୨୦୧୫ ଜାନୁୟାରୀ ୨୬ ଦିଲ୍ଲୀ ପରେଡ୍‌ରେ ଓଡ଼ିଶାର ୮ଜଣ ଏନ୍.ଏସ୍.ଏସ୍. ପିଲା ଯୋଗ ଦେବା ପାଇଁ ଯାଇଥିଲେ, ଆଉ ମୋତେ ସେମାନଙ୍କର ଷ୍ଟେଟ୍ କଣ୍ଟିନଜେଣ୍ଟ ଲିଡର୍ ଭାବେ ଆର୍.ଡି. କ୍ୟାମ୍ପରେ ଦିଲ୍ଲୀ ଯିବାର ସୁଯୋଗ ମିଳିଥିଲା। ୟା' ଭିତରେ ମୁଁ ୩ ଥର ଷ୍ଟେଟ୍ କଣ୍ଟିନଜେଣ୍ଟ ଲିଡର୍ ଭାବେ ପ୍ରି ଆର୍.ଡି. କ୍ୟାମ୍ପରେ ଯୋଗ ଦେଇସାରିଲିଣି। ତା'ସହିତ ଗତ ଜାନୁୟାରୀ ମାସରେ 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ପ୍ରୋଗ୍ରାମରେ ବି ବମ୍ବେ ଯାଇଥିଲି। ତେବେ ୨୦୧୬ ପରେ ଭୁବନେଶ୍ୱରସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟକୁ ମୋର ବଦଳି ହୋଇଗଲା। ଆଉ ଏଠାରେ ଏବେ ମୁଁ ପ୍ରାଧ୍ୟାପକ ଏବଂ ଏନ୍.ଏସ୍.ଏସ୍. ପ୍ରୋଗ୍ରାମ ଅଫିସର୍ ଭାବେ କାର୍ଯ୍ୟ କରୁଅଛି। ଏଥିସହିତ ଲଜିକ୍ ଆଣ୍ଡ ଫିଲୋସଫି ଉପରେ କିଛି ବହି ବି ଲେଖିଛି। ତେବେ ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି, ତା'ପଛରେ ଭଗବାନଙ୍କ ଆଶୀର୍ବାଦ ଆଉ ମୋର କଠିନ ପରିଶ୍ରମକୁ ଶ୍ରେୟ ଦେବି।

–ଅସ୍ମିତା



# ଅଜବ ଡ୍ରାଇଭିଂ ରୁଲ୍ସ

**ପୃଥିବୀରେ ଅଛି ଅନେକ ଦେଶ। ସବୁ ଦେଶର ଚଳଣି, ନୀତି ନିୟମ ଭିନ୍ନ ଭିନ୍ନ ହୋଇଥାଏ। ସେଥିପାଇଁ ଯେଉଁଠିକୁ ଗଲେ ସେଠାକାର ନିୟମ ମାନିବାକୁ ହୁଏ। ଖାସ୍ କରି ସେହି ସ୍ଥାନର ଡ୍ରାଇଭିଂ ରୁଲ୍ସ ଜାଣିବା ନିହାତି ଆବଶ୍ୟକ। କାରଣ ଅନେକ ସ୍ଥାନରେ ରହିଛି ଡ୍ରାଇଭିଂକୁ ନେଇ କିଛି ଅଜବ ନିୟମ। ଆଉ ସେସବୁ ନ ଜାଣିଥିଲେ ପଡ଼ିଯିବେ ହରଡଘଣାରେ ଆଉ ଗଣିବେ ଜରିମାନା..**

**ରୁଷିଆ–** ରୁଷିଆରେ ମଇଳା କାର୍ ଚଲାଇବା ମନା। ଭିତର ହେଉ କି ବାହାର, କାର୍ ମଇଳା ହୋଇଥିବା ଦେଖିବା ମାତ୍ରେ ରୁଷୀୟ ପୋଲିସ ୫୦ଡଲାର୍‌ର ଜରିମାନା ପକାନ୍ତି।

**ସାଇପ୍ରସ୍–** ଏହି ଦେଶର ଡ୍ରାଇଭିଂ ନିୟମ ଅନୁଯାୟୀ ଆପଣ ନିଜ ଗାଡ଼ି ଭିତରେ କିଛି ବି ଖାଇ ପିଇ ପାରିବେନି। ଏମିତି କି ଗାଡ଼ି ଭିତରେ ପାଣି ପିଇବା ବି ଅପରାଧ। ଆଉ ଯଦି ଗାଡ଼ି ଭିତରେ ଖାଇବା ପିଇବା ସମୟରେ ଧରାପଡ଼ନ୍ତି, ମୋଟା ଅଙ୍କର ଜରିମାନା ଦେବାକୁ ହେବ। ତେଣୁ ଭୋକିଲା ରହିବା ସାର।

**ସର୍ବିୟା–** ୟୁରୋପ ମହାଦେଶର ସର୍ବିୟାରେ ଲୋକେ ଗାଡ଼ିରେ ଦଉଡି ରଖିପାରିବେ ନାହିଁ। କାରଣ ଦଉଡି ରଖିଲେ ଜରିମାନା ଦେବାକୁ ହୁଏ।

**ଆଲାସ୍କା–** ଅନେକେ ଘରେ କୁକୁରକୁ ପେଟ୍ ଭାବେ ରଖନ୍ତି। ଆଉ ବାହାରକୁ ଗଲେ ପ୍ରିୟ କୁକୁରକୁ ଗାଡ଼ିରେ ବସାଇ ନିଅନ୍ତି। ପୋଷା କୁକୁର ବି ଗାଡ଼ିରେ ବୁଲିବାର ବେଶ୍ ମଜା ଉଠାଏ। କିନ୍ତୁ ଆମେରିକାର ଆଲାସ୍କାରେ ରହୁଥିବା ଲୋକ ନିଜ ପେଟ୍ କୁକୁରକୁ କାର୍‌ରେ ବସାଇ ନେଇପାରିବେ ନାହିଁ। କାରଣ ଏଭଳି କଲେ ଜରିମାନା ଦେବାକୁ ହେବ।

**ଥାଇଲାଣ୍ଡ–** ଋତୁ ଯାହା ହେଉନା କାହିଁକି ଏଠାରେ ଶାର୍ଟ ପିନ୍ଧି ଗାଡ଼ି ଚଳାଇବାକୁ ପଡେ। କାରଣ ଟପ୍‌ଲେସ୍ ହୋଇ କାର୍ ଚଳାଇବା ଏଠାରେ ଦଣ୍ଡନୀୟ ଅପରାଧ। ଆଉ ଏଭଳି କଲେ ଜରିମାନା ଦେବା ସୁନିଶ୍ଚିତ।

**ମାନିଲା–** ଯଦି ଆପଣ ଫିଲିପାଇନ୍ସରେ ଅଛନ୍ତି ଓ ଆପଣଙ୍କ ଗାଡ଼ିର ନମ୍ବର ପ୍ଲେଟ୍‌ର ଶେଷକୁ ୧ କିମ୍ବା ୨ ନମ୍ବର ରହୁଛି, ତେବେ ଆପଣ ସୋମବାର ଦିନ ଗାଡ଼ି ଚଳାଇପାରିବେ ନାହିଁ।

**ସାଉଦିଆରବ–** ଏଠାରେ ମହିଳାମାନେ ଗାଡ଼ି ଚଳାଇ ପାରିବେ ନାହିଁ। କାରଣ ମହିଳାମାନେ ଗାଡ଼ି ଚଳାଇବାକୁ ସାଉଦିଆରବରେ ଅପରାଧ ଭାବେ ଗଣନା କରାଯାଏ। ଆଉ ଯିଏ ଏହି ନିୟମ ଭାଙ୍ଗେ ତାଙ୍କୁ ତୁରନ୍ତ ଗିରଫ କରାଯାଏ।

**ନ୍ୟୁ ଜର୍ସି–** ଆମ ଦେଶରେ ଏମିତି ବହୁତ ଘଟଣା ଘଟିଛି ଯେଉଁଠି ଟ୍ରାଫିକ ପୋଲିସ୍ ସହ ସାଧାରଣ ଜନତାଙ୍କର ଝଗଡା ହୋଇଛି। କିନ୍ତୁ ନ୍ୟୁ ଜର୍ସିରେ ଟ୍ରାଫିକ୍ ପୋଲିସ୍ ସହ ଝଗଡା ତ ଦୂରର କଥା ରାଗିକି ଅନାଇଲେ ବି ଦଣ୍ଡ ମିଳିବ। ତାଙ୍କ ସହ ଯୁକ୍ତିତର୍କ କରିବା ସମ୍ପୂର୍ଣ୍ଣ ମନା। କାରଣ ସର୍ବସାଧାରଣରେ ଆକ୍ରୋଶ ଦେଖାଇବା ଏଠାରେ ଅପରାଧ।

**ସ୍ପେନ–** ସ୍ପେନ୍‌ର ଡ୍ରାଇଭିଂ ନିୟମ ଅନୁଯାୟୀ ଚଷମା ଲଗାଇ ଗାଡ଼ି ଚଳାଉଥିବା ବ୍ୟକ୍ତି, ପିନ୍ଧୁଥିବା ଚଷମା ଭଳି ଆଉ ଏକ ଯୋଡା ଚଷମା ଗାଡ଼ିରେ ରଖିବାକୁ ବାଧ୍ୟ। ଯଦି ନ ରଖି ଧରାପଡ଼ନ୍ତି ତେବେ ଜରିମାନା ଦେବାକୁ ହୁଏ।

**ଡେନମାର୍କ– ସ୍ୱିଡେନ:** ଏଠାରେ ଗାଡ଼ି ଚଳାଇବା ସମୟରେ ଦିନସାରା ହେଡ଼ ଲାଇଟ୍ ଲଗାଇବା ଅନିବାର୍ଯ୍ୟ। ଦିନରେ ହେଡ ଲାଇଟ୍ ନ ଲଗାଇଥିଲେ ଜରିମାନା ଦେବାକୁ ପଡିପାରେ।

**ଓହିଓ–** କେତେଜଣ ଆଡଭେଞ୍ଚର ପାଇଁ କାର୍ ଉପରେ ବସନ୍ତି। କିନ୍ତୁ ଓହିଓରେ କାର୍ ଉପରେ ବସିବା ମନା। ଏଭଳି କରି ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ଗଣିବାକୁ ପଡ଼େ।

**କଲରାଡୋ–** କଲରାଡୋର ଡେନ୍‌ୱର ସହରରେ ରବିବାର ଓ 'ପବ୍ଲିକ୍ ହଲିଡେ'ରେ କଳା ରଙ୍ଗର ଗାଡ଼ି ଚଳାଇବା ମନା।

**ଓକ୍ଲାହୋମା–** ଏଠାରେ ଡ୍ରାଇଭିଂ କରିବାବେଳେ କମିକ୍ ବୁକ୍ ପଢ଼ିବା ମନା। ଏହାର ଅର୍ଥ ହେଉଛି କମିକ୍ ବ୍ୟତୀତ ଆପଣ ଅନ୍ୟ ଯେକୌଣସି ବହି ପଢ଼ି ଗାଡି ଚଳାଇପାରିବେ।

**କାଲିଫର୍ନିଆ–** କାଲିଫର୍ନିଆରେ ଯଦି କୌଣସି ମହିଳା ଗାଉନ୍ ପିନ୍ଧି ଗାଡ଼ି ଚଳାନ୍ତି ତେବେ ଜରିମାନା ଦେବାକୁ ପଡ଼େ।


**ପେନ୍‌ସିଲଭାନିଆ–** ଏଠାରେ ଗାଡ଼ି ଚଳାଇବା ସମୟରେ ଯେମିତି କୌଣସି ପ୍ରାଣୀର କ୍ଷତି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଏ। ତେଣୁ ପ୍ରତି ୧ କି.ମି. ପରେ ଲାଇଟ୍ ଜଳାଇ ଜୀବଜନ୍ତୁଙ୍କୁ ସିଗ୍‌ନାଲ ଦେବା ଏଠାରେ ଜରୁରୀ ଅଟେ।













ରାମେଶ୍ୱରୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ପୂଜା

ଅଧ୍ୟାପକ ରମେଶଙ୍କୁ– କାଲି କ’ଣ ପାଇଁ ଆସି ନ ଥିଲ ?

ରମେଶ– ସାର୍, ଆମ ଘରେ ପୂଜା ଥିଲା।

ଅଧ୍ୟାପକ– ହଉ। ହେଲେ ତା’ ପୂର୍ବଦିନ କ’ଣ ପାଇଁ ଆସି ନ ଥିଲ ?

ରମେଶ– ତା’ ପୂର୍ବଦିନ ଆମ ଘରେ ପ୍ରିୟା ଥିଲା।

## କୋକ୍ ବୋତଲ

ସ୍ତ୍ରୀ ସ୍ୱାମୀଙ୍କୁ– ଆଗରୁ ମୋ ଫିଗର୍ ପୂରା କୋକ୍ ବୋତଲ ପରି ଥିଲା।

ସ୍ୱାମୀ– ଏବେ ବି ତମ ଫିଗର୍ କୋକ୍ ବୋତଲ ପରି।

ସ୍ତ୍ରୀ– ନାଇଁ ମ।

ସ୍ୱାମୀ– ଆରେ ହଁ। ଫରକ କେବଳ ଏତିକି ଯେ, ଆଗରୁ ୩୦୦ ଏମ୍. ଏଲ୍. ବୋତଲ ପରି ଥିଲ। ଏବେ ଦେଢ଼ ଲିଟରିଆ ବୋତଲ ପାଲଟି ଯାଇଛ।

## ଅଣ୍ଡା

ଶିକ୍ଷକ ମଣ୍ଟୁଙ୍କୁ– କହିଲୁ ଦେଖି, କିଏ ସବୁଠୁ ଅଧିକ ଅଣ୍ଡା ଦିଏ ?

ମଣ୍ଟୁ– ସାର, ଆମ ଗଣିତ ମ୍ୟାଡାମ୍।

ଶିକ୍ଷକ– କ’ଣ ? ଗଣିତ ମ୍ୟାଡାମ।

ମଣ୍ଟୁ– ହଁ, ସେ ପରା ମୋ ପରୀକ୍ଷା ଖାତାର ଆରମ୍ଭରୁ ଶେଷ ଯାଏ ଅଣ୍ଡା ଦେଇଛନ୍ତି।

## କଳା ଓ ସଂସ୍କୃତିରେ ଭରା

# ଗୁଜରାଟ



ଗୁଜରାଟ ଭାରତର ଏକ ପ୍ରମୁଖ ରାଜ୍ୟ। ଏହା ନିଜର ସ୍ୱତନ୍ତ୍ର କଳା, ସଂସ୍କୃତି, ସ୍ଥାପତ୍ୟ, ପ୍ରାକୃତିକ ପରିଦୃଶ୍ୟ ତଥା ସ୍ୱାଦିଷ୍ଟ ଭୋଜନ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ତା'ଛଡ଼ା ପର୍ଯ୍ୟଟକଙ୍କ ମନକୁ ମୋହିଲା ଭଳି ଅନେକ ଦର୍ଶନୀୟ ସ୍ଥାନ ବି ଏଠି ରହିଛି। ତେବେ କରୋନା ମହାମାରୀ ପାଇଁ ଅନେକ ଦିନର ବ୍ୟବଧାନ ପରେ ଗୁଜରାଟ ପୁଣିଥରେ ପର୍ଯ୍ୟଟକଙ୍କ ଆଗମନକୁ ସ୍ୱାଗତ କରିବା ଆରମ୍ଭ କରିଛି...

**କ'ଣ ଦେଖିବେ**

ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ ଗୁଜରାଟର ମଧ୍ୟ ସ୍ୱତନ୍ତ୍ର ପରିଚିତି ରହିଛି। ଏଠାରେ ଦେଖିବା ପାଇଁ ବହୁ ଧାର୍ମିକପୀଠ, ବନ୍ୟଜୀବ ଅଭୟାରଣ୍ୟ, ସମୁଦ୍ରତଟ, ସଂଗ୍ରହାଳୟ ଇତ୍ୟାଦି ଅଛି। ଖାସ୍‌କରି ଏଠାରେ ଦେଖିବାକୁ ମିଳୁଥିବା ବରୋଦା ମ୍ୟୁଜିୟମ୍ ଆଣ୍ଡ ପିକ୍‌ଚର୍ ଗ୍ୟାଲେରି, ମହାରାଜା ଫତେ ସିଂ ମ୍ୟୁଜିୟମ୍, କଚ୍ ମ୍ୟୁଜିୟମ୍, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ନ୍ୟାଶନାଲ୍ ମେମୋରିଆଲ୍, କୀର୍ତ୍ତି ମନ୍ଦିର, ସାବରମତୀ ଆଶ୍ରମ ଆଦି ହେଉଛି ଗୋଟିଏ ଗୋଟିଏ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ସେହିପରି ଧାର୍ମିକ ପୀଠ ମଧ୍ୟରେ ରହିଛି ସୋମନାଥ ମନ୍ଦିର, ଦ୍ୱାରକାଧୀଶ ମନ୍ଦିର, ସୂର୍ଯ୍ୟ ମନ୍ଦିର, ଭଦ୍ରେଶ୍ୱର ଜୈନ ମନ୍ଦିର ଇତ୍ୟାଦି। ଅନ୍ୟପକ୍ଷେ ଏଠାକାର ଅମ୍ବାଜୀ, ଡାକୋର୍, ଚୋଟିଲା, ବେଚରାଜି, ମାହୁଦି, ଶଙ୍ଖେଶ୍ୱର ନାମକ ସ୍ଥାନରେ ମଧ୍ୟ ଅନେକ ଦେବସ୍ଥଳୀ ଦେଖିବାକୁ ମିଳିଥାଏ। ଏହାଛଡ଼ା ଗୁଜରାଟରେ ଆଖି ଲାଖିଗଲା ଭଳି ଅନେକ ଆକର୍ଷଣୀୟ ମହଲ ବି ରହିଛି, ଯେଉଁଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳିଥାଏ।

**ଗୁଜରାଟ ଭାରତର ଏମିତି ଏକ ରାଜ୍ୟ, ଯେଉଁଠାରେ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରହିଛି ଅନେକ ପର୍ଯ୍ୟଟନସ୍ଥଳୀ। ତା'ସହିତ ସ୍ଥାନୀୟ କଳା, ସଂସ୍କୃତି ଓ ପ୍ରାକୃତିକ ପରିବେଶ ମଧ୍ୟ ବେଶ୍ ମନମୁଗ୍ଧକର ହୋଇଥାଏ। ଖାସ୍ ସେଥିପାଇଁ ପର୍ଯ୍ୟଟକଙ୍କର ଏଠାରେ ସବୁବେଳେ ଭିଡ଼ ଲାଗି ରହିଥାଏ...**

ତେବେ ବର୍ତ୍ତମାନର ଏହି କରୋନା ମହାମାରୀ ସମୟରେ ଗୁଜରାଟକୁ ପର୍ଯ୍ୟଟକଙ୍କର ଆଗମନକୁ ଅନୁମତି ମିଳିଥିଲେ ବି ଏଠାକାର କେଉଁ କେଉଁ ପର୍ଯ୍ୟଟନସ୍ଥଳୀକୁ ବୁଲିଯିବା ପାଇଁ କ'ଣ କ'ଣ ନିୟମ ମାନିବାକୁ ପଡ଼ିବ, ସେ ନେଇ ପୂର୍ବରୁ ତଥ୍ୟ ସଂଗ୍ରହ କରିନେବା ନିହାତି ଜରୁରୀ।

**ଲୋକପ୍ରିୟ ଭୋଜନ**

ଏଠାକାର ପ୍ରମୁଖ ଖାଦ୍ୟ ମଧ୍ୟରେ ରହିଛି ଦାଲ୍ ଢୋକ୍‌ଲି, ମେଥି କା ଥେପ୍‌ଲା, ବାର୍‌ଦୋଲି କି ଖିଚ୍‌ଡ଼ି, ଢୋକ୍‌ଲା, ଗୁଜରାଟୀ କଢ଼ି, ଶ୍ରୀଖଣ୍ଡ, ଗୁଜରାଟୀ ସମୋସା, ଖାଣ୍ଡଭି ଇତ୍ୟାଦି। ତା'ଛଡ଼ା ଏଠାରେ ସବୁ ବର୍ଗର ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ କିସମର ସ୍ୱାଦିଷ୍ଟ ଖାଦ୍ୟ ବି ମିଳିଥାଏ।

**ଜାଣିବା କଥା**

-ଏଠାରେ ପର୍ଯ୍ୟଟକଙ୍କୁ କେବଳ ଥର୍ମାଲ ସ୍କ୍ରିନିଂ ଟେଷ୍ଟ ଦେଇ ଗତି କରିବାକୁ ହୋଇଥାଏ। ଯଦି କାହାଠାରେ ସଂକ୍ରମଣର ଲକ୍ଷଣ ନ ଥାଏ ତ'ହେଲେ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼େନାହିଁ।

- ଏଥିସହିତ ସମସ୍ତ ପର୍ଯ୍ୟଟକଙ୍କୁ ନିଜ ସାଥିରେ ଚାରି ଦିନ ତଳର କୋଭିଡ୍ ନେଗେଟିଭ୍ ସାର୍ଟିଫିକେଟ୍ ନେଇକି ଆସିବା ନିହାତି ଜରୁରୀ।

-ଏସବୁ ପରେ ବି କରୋନା ସମ୍ପର୍କିତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କେତେକ ନିର୍ଦ୍ଦିଷ୍ଟ ନିୟମାବଳୀ ଯେମିତିକି : ସାମାଜିକ ଦୂରତା ରକ୍ଷାକରିବା, ମାସ୍କ ଓ ସାନିଟାଇଜର୍ ବ୍ୟବହାର କରିବା ଇତ୍ୟାଦିକୁ ସମସ୍ତଙ୍କୁ ମାନିବାକୁ ହୋଇଥାଏ।







# କୁକୁଡା ଅଣ୍ଡାଠୁ ବଡ ଏଇ ଅଙ୍ଗୁର

**ପେ**ନ୍ଥା ପେନ୍ଥା ତାଜା ଅଙ୍ଗୁର ଦେଖିଲେ ଭାରି ଲୋଭ ଲାଗେ। ଯଦି ଏହା ମଞ୍ଜି ବିହୀନ, ରସାଳ ହୋଇଥାଏ ତେବେ ଖାଇବାରେ ମଜା ଆସିଯାଏ। ଆମେ ଏଠାରେ ଯେଉଁ ଅଙ୍ଗୁର ବିଷୟରେ କହୁଛୁ ତାକୁ ଦେଖି ଯେତିକି ଆଶ୍ଚର୍ଯ୍ୟ ଲାଗିବ ଖାଇବାକୁ ତାହା ଆହୁରି ସ୍ୱାଦିଷ୍ଟ। କାରଣ ଏହି ଅଙ୍ଗୁର ଦେଖିବାକୁ କୁକୁଡା ଅଣ୍ଡାଠୁ ବଡ। ମଞ୍ଜିବିହୀନ ଓ ରସାଳ ଅଟେ। ଭିଏତ୍‌ନାମରେ ତିଆରି କରାଯାଇଛି ଏହି ନୂଆ ପ୍ରକାରର ଅଙ୍ଗୁର। ଏହାର ମୂଲ୍ୟ ଗୋଟିଏ ପେନ୍ଥାକୁ ୩୦୦ଡଲାର। ଏହାର ଗୋଟିଏ ପେନ୍ଥା ୧ କି.ଗ୍ରା.ରୁ ଅଧିକ ଓଜନ। ସୋସିଆଲ ମିଡିଆରେ ଏହାର ଫଟୋ ଭାଇରାଲ ହେଲା ପରେ ଏହାର ଚାହିଦା ବଢିଯାଇଛି। ଅଧିକ ଅର୍ଡର ବି ଆସୁଛି।





## କାର୍ଟୁନ କର୍ନର





# ଶାମୁକା ଅଳଙ୍କାର





**ମହିଳାମାନେ ଆକର୍ଷଣୀୟ ଓ ଷ୍ଟାଇଲିସ୍ ଲୁକ୍ ପାଇଁ ବିଭିନ୍ନ ପ୍ରକାର ଅଳଙ୍କାର ବ୍ୟବହାର କରନ୍ତି । ଯେଉଁଥିରେ ଆସେ ଶାମୁକା ନିର୍ମିତ ଅଳଙ୍କାର । ନିଜକୁ ସିମ୍ପଲ, ଫ୍ୟାଶନେବୁଲ ଓ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ମହିଳାମାନେ ଶାମୁକା ଅଳଙ୍କାରକୁ ଖୁବ୍ ପସନ୍ଦ କରୁଛନ୍ତି । ଟ୍ରାଡିଶନାଲ ହେଉ ବା ୱେଷ୍ଟର୍ନ ଆଉଟ୍‌ଫିଟ୍‌ରେ ଶାମୁକା ଅଳଙ୍କାର ନାରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ...**



**ଚୋକର୍ :** ଏବେ ଚୋକର୍ ଫ୍ୟାଶନକୁ ମହିଳାମାନେ ଖୁବ୍ ପସନ୍ଦ କରୁଛନ୍ତି । ଆଉ ଶାମୁକାର ଚୋକର୍ ଫ୍ୟାନ୍ସି ଲୁକ୍ ଦେଇଥାଏ । ଏହାକୁ ଯେକୌଣସି ଆଉଟ୍‌ଫିଟ୍ ସହ ପିନ୍ଧିଲେ ବି ଷ୍ଟାଇଲିସ୍ ଲାଗେ ।

**ନେକ୍‌ଲେସ୍ :** ନେକ୍‌ଲେସ୍ ପିନ୍ଧିବା କାହାକୁ ବା ପସନ୍ଦ ନୁହେଁ । ଯଦି ଏହା ଶାମୁକା ନିର୍ମିତ ନେକ୍‌ଲେସ୍ ହୋଇଥିବ ତେବେ ଏହା ଉଭୟ ଟ୍ରାଡିଶନାଲ ଓ ୱେଷ୍ଟର୍ନ ଆଉଟଫିଟ୍ ସହ ବହୁତ ଶୁଟ୍ କରିବ । ଏବେ ବଜାରରେ ମଧ୍ୟ ବିଭିନ୍ନ କ୍ଲାସିକ୍ କଲର୍‌ର ଶାମୁକା ନେକ୍‌ଲେସ୍ ମିଳୁଛି ।

**ହେୟାର ପିନ୍:** ଶାମୁକା ନିର୍ମିତ ହେୟାର ପିନ୍ ଦେଖିବାକୁ ବହୁତ ସୁନ୍ଦର । ଏହାକୁ ଉଭୟ ଇଣ୍ଡିଆନ୍ ଓ ୱେଷ୍ଟର୍ନ ଆଉଟଫିଟ୍ ସହ କେଶରେ ଲଗାଇ ପାରିବେ । ବିଭିନ୍ନ ଷ୍ଟାଇଲିସ୍ ଶାମୁକାର ହେୟାର ପିନ୍ ଖୋଲା କେଶ, ବନ୍, ବେଣି ଆଦି ହେୟାର ଷ୍ଟାଇଲ ସହ ଆକର୍ଷଣୀୟ ଲୁକ୍ ଦେଇଥାଏ ।





**ଇୟର ରିଙ୍ଗ:** ମହିଳାମାନେ ବିଭିନ୍ନ ଆଉଟ୍‌ଫିଟ୍ ସହ ମ୍ୟାଚିଂ ଇୟର ରିଙ୍ଗ ପିନ୍ଧିବାକୁ ପସନ୍ଦ କରନ୍ତି । ସେଥିମଧ୍ୟରୁ ବାଦ ପଡିଯାଇନି ଶାମୁକାରେ ତିଆରି ଇୟର ରିଙ୍ଗ । ଟ୍ରାଡିଶନାଲ ଆଉଟ୍‌ଫିଟ୍, ଖାସ୍‌କରି ଧଳାରଙ୍ଗର ଟ୍ରାଡିଶନାଲ ଆଉଟ୍‌ଫିଟ୍ ସହ ଶାମୁକାରେ ତିଆରି ଇୟର ରିଙ୍ଗ ସବୁବେଳେ ପରଫେକ୍ଟ ଲୁକ୍ ଦେଇଥାଏ ।



**ବ୍ରେସ୍‌ଲେଟ୍:** ଇଣ୍ଡିଆନ୍ ଆଉଟଫିଟ୍ ହେଉ ବା ୱେଷ୍ଟର୍ନ ଆଉଟଫିଟ୍, ବ୍ରେସ୍‌ଲେଟ୍ ଫ୍ୟାଶନ୍ ଉଭୟରେ ଷ୍ଟାଇଲିସ୍ ଲୁକ୍ ଦେଇଥାଏ ।

ଏବେ ବଜାରରେ ଛୋଟ ଛୋଟ ଶାମୁକାରେ ତିଆରି ସୁନ୍ଦର ସୁନ୍ଦର ବ୍ରେସ୍‌ଲେଟ ମିଳୁଛି । ଏହାର ଚାହିଦା ମଧ୍ୟ ବେଶି । ଏହା ଦେଖିବାକୁ ଯେତିକି ସୁନ୍ଦର, ପିନ୍ଧିଲେ ମଧ୍ୟ ବହୁତ ଆକର୍ଷକ ଲାଗେ ।








ବ୍ୟାକ୍ ପେଜ୍



# ଆଖିପତା ସାଜିଛି କାନ୍ଭାସ୍







**ଇ**ସ୍ରାଇଲର ତାଲ ପେଲେଗ୍ ଜଣେ ଅଭିଜ୍ଞ ମେକ୍ଅପ୍ ଆର୍ଟିଷ୍ଟ। ପିଲାଟିବେଳୁ ସେ ଚିତ୍ର ଆଙ୍କୁଥିଲେ ଓ ସାନ ଭଉଣୀକୁ ମଡେଲ ସଜେଇ ମୁହଁରେ ମେକ୍ଅପ୍ ଏକ୍ସପେରିମେଣ୍ଟ କରୁଥିଲେ। ଏବେବି ସେହି ସଉକ ସେ ଛାଡି ନାହାନ୍ତି। ବରଂ ନିଜ ଆଖିପତାକୁ କାନ୍ଭାସ୍ ସଜାଇ ସେଥିରେ କରୁଛନ୍ତି ବିଭିନ୍ନ ସୁନ୍ଦର ସୁନ୍ଦର ପେଣ୍ଟିଂ। ଏଥିପାଇଁ ସେ ଷ୍ଟାଣ୍ଡାର୍ଡ ମେକ୍ଅପ୍ ଓ ୱାଟର କଲର୍ ବ୍ୟବହାର କରନ୍ତି। ଆଇକୋନିକ ଫିଲ୍ମ, କାର୍ଟୁନ ସିନ୍, ନିଜସ୍ୱ କିଛି ଓରିଜନାଲ ଡିଜାଇନ୍ ଆଦିକୁ ପତଳା ବ୍ରଶ୍ ସାହାଯ୍ୟରେ ନିଜ ଆଖିପତା ଉପରେ ଆଙ୍କୁଛନ୍ତି ; ଯେଉଁଥିପାଇଁ ତାଙ୍କୁ ଦେଢ ଘଣ୍ଟାରୁ ସାଢେ ଚାରିଘଣ୍ଟା ସମୟ ଲାଗିଥାଏ। ଚିତ୍ରର କାରୁକାର୍ଯ୍ୟ ଉପରେ ପେଣ୍ଟିଂ କାମ ସରିବା ସମୟ ନିର୍ଭର କରିଥାଏ। ଏହି କାମ ପାଇଁ ଧୈର୍ଯ୍ୟର ଆବଶ୍ୟକତା ରହିଛି ବୋଲି ତାଲ କହନ୍ତି। ତାଙ୍କର ପ୍ରତିଟି ପେଣ୍ଟିଂ ଗୋଟେ ଗୋଟେ ମାଷ୍ଟରପିସ୍ ଭଳି ଲାଗେ। ଏହାର ଫଟୋକୁ ସେ ସୋସିଆଲ ମିଡିଆରେ ଅପ୍ଲୋଡ୍ କରନ୍ତି। ଏହି ସୃଜନାତ୍ମକ କାର୍ଯ୍ୟକୁ ବହୁତ ଲୋକ ପସନ୍ଦ କରୁଛନ୍ତି। ଆଉ ତାଙ୍କର ଫ୍ୟାନ୍, ଫଲୋୟର୍ ବି ବଢିଯାଇଛନ୍ତି।



# ପୋକରେ ତିଆରି ଆମଲେଟ୍

**ଆ**ମିଷ ଖାଉଥିବା ମଣିଷ ନିଶ୍ଚିତଭାବେ ଆମଲେଟ୍ ଖାଇଥିବେ। ତେବେ ଭିଏତ୍ନାମ, ହାନୋଇରେ ପ୍ରସ୍ତୁତ ହେଉଥିବା ଏକ ସ୍ୱତନ୍ତ୍ର ପ୍ରକାରର ଆମଲେଟ୍ ବୋଧହୁଏ ସମସ୍ତଙ୍କ ପକ୍ଷେ ଖାଇବା ସମ୍ଭବ ହେବ ନାହିଁ। ଏହାର କାରଣ ହେଉଛି ଏଥିରେ ବ୍ୟବହାର କରାଯାଉଥିବା ଏକ ଖାସ୍ ସାମଗ୍ରୀ। ଏଥିରେ ବ୍ୟବହାର କରାଯାଏ ୨ ଇଞ୍ଚ ଲମ୍ବର ସାମୁଦ୍ରିକ ପୋକ, ଯାହାର ନାଁ 'ପଲୋଲୋ'। ପିଆଜ, କଞ୍ଚାଲଙ୍କା, ଟମାଟୋ, ଅଣ୍ଡା ସହ ଶହ ଶହ ସଂଖ୍ୟାର ଉକ୍ତ ପୋକ ଆମଲେଟ୍ରେ ମିଶାଯାଏ ; ଯଦ୍ୱାରା ଆମଲେଟ୍ର ସ୍ୱାଦ ସି' ଫୁଡ୍ ପରି ଲାଗେ। ଓମଲେଟ୍ରେ ବ୍ୟବହାର କରିବା ପୂର୍ବରୁ ପୋକକୁ ସିଝା ଯାଇଥାଏ। ଯେମିତି କି ଏଥିରୁ ଆମିଷ ଗନ୍ଧ ଦୂର ହେବ। ସାଧାରଣତଃ ପ୍ରଶାନ୍ତ ମହାସାଗରରେ ମିଳୁଥିବା ଉକ୍ତ ପୋକକୁ ଏବେ ଭିଏତ୍ନାମରେ ଚାଷ କରାଯାଉଛି। ଏହି ପୋକରେ ପ୍ରସ୍ତୁତ ଆମ୍ଲେଟ୍ର ବାସ୍ନା ବହୁତ ଭଲ। ତେଣୁ ରାସ୍ତାକଡ ଫୁଡ୍ଷ୍ଟଲ୍ରେ ଆମ୍ଲେଟ୍ ପ୍ରସ୍ତୁତ କଲାବେଳେ ଲୋକେ ଏହାର ବାସ୍ନାରେ ଟାଣି ହୋଇ ଚାଲି ଆସନ୍ତି ଖାଇବାକୁ।



# ହ୍ୱିସିଲିଂ ଭିଲେଜ୍

**ପୃ**ଥିବୀରେ ଅନେକ ଗାଁ ଅଛି। ସବୁ ଗାଁର କିଛି ନା କିଛି ବିଶେଷତ୍ୱ ଥାଏ। ଆଉ କିଛି ଗାଁ ତ ତା'ର ଅଜବ ବିଶେଷତ୍ୱ ପାଇଁ ସାରା ପୃଥିବୀରେ ସ୍ୱତନ୍ତ୍ର ପରିଚୟ ଲାଭ କରିପାରିଛି। ସେମିତି ଏକ ଗାଁ ହେଉଛି ମେଘାଳୟର କାଙ୍ଗଥାଙ୍ଗ ଗାଁ। ଏହି ଗାଁର ବିଶେଷତ୍ୱ ହେଉଛି ଯେ, ଏଠି କେହି କାହାକୁ ନାମ ଧରି ଡାକନ୍ତି ନାହିଁ ବରଂ ହ୍ୱିସିଲ୍ ମାରି ଡାକନ୍ତି। ତେଣୁ ଉକ୍ତ ଗାଁ ହ୍ୱିସିଲିଂ ଭିଲେଜ ଭାବେ ପରିଚିତ। ଏଠି ଭିନ୍ନ ଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ଷ୍ଟାଇଲ୍ରେ ହ୍ୱିସିଲ୍ ମାରି ଡକାଯାଏ। ତେବେ ଏଭଳି ହ୍ୱିସିଲ୍ ମାରିବା ପଛରେ ଏକ ସ୍ୱତନ୍ତ୍ର କାହାଣୀ ରହିଛି। କାହାଣୀ ଅନୁସାରେ ଗାଁର ଜଣେ ବ୍ୟକ୍ତି ଶତ୍ରୁଙ୍କଠାରୁ ଜୀବନ ବଞ୍ଚାଇ ଦୌଡିବା ସମୟରେ ଏକ ଗଛ ଉପରେ ଚଢି ଯାଇଥିଲେ। ଆଉ ସହାୟତା ଲାଗି ସେ ନିଜ ବନ୍ଧୁମାନଙ୍କୁ ଇଶାରାରେ ଜଙ୍ଗଲୀ ପ୍ରାଣୀଙ୍କ ସ୍ୱର ବାହାର କରିଥିଲେ ; ଯାହାକୁ କି ତାଙ୍କ ବନ୍ଧୁମାନେ ବୁଝିପାରିଥିଲେ ଓ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ବଞ୍ଚାଇଥିଲେ। କୁହାଯାଏ ଏହାପରଠାରୁ ଲୋକେ ସିଟି ମାରି ଭାବର ଆଦାନପ୍ରଦାନ କରିବା ଆରମ୍ଭ କରିଥିଲେ। ଏହି ଗାଁର ସବୁ ଲୋକଙ୍କୁ ଦୁଇଟି ନାମ ଦିଆଯାଏ। ଗୋଟିଏ ଆମ ଭଳି ସାଧାରଣ ନାମ ଓ ଦ୍ୱିତୀୟଟି ହ୍ୱିସିଲିଂ ଟ୍ୟୁନ୍ ନାମ ଥାଏ। ଲୋକେ ସାଧାରଣ ନାମରେ ନ ଡାକି ସାଧାରଣତଃ ହ୍ୱିସିଲିଂ ଟ୍ୟୁନ୍ ନାମରେ ହିଁ ପରସ୍ପରକୁ ଡାକନ୍ତି। ଏଠି ସମସ୍ତଙ୍କ ପାଇଁ ଅଲଗା ଅଲଗା ହ୍ୱିସିଲିଂ ଟ୍ୟୁନ୍ ରହିଛି। ଏହି ଗାଁରେ ପିଲାଟିଏ ଜନ୍ମ ନେବା ପରେ ତା' ମା' ତାକୁ ଏକ ସ୍ୱତନ୍ତ୍ର ହ୍ୱିସିଲିଂ ଟ୍ୟୁନ୍ ଦେଇଥାଏ। ଧୀରେ ଧୀରେ ପିଲାଟି ବଡ଼ ହେବା ସହ ନିଜ ଟ୍ୟୁନ୍ ଜାଣିଯାଏ। କାଙ୍ଗଥାଙ୍ଗ ଗାଁରେ ପ୍ରାୟ ୧୦୯ ପରିବାର ଓ ୬୨୭ ଲୋକ ବସବାସ କରନ୍ତି। ତେଣୁ ଏଠାରେ ୬୨୭ ପ୍ରକାରର ହ୍ୱିସିଲିଂ ଟ୍ୟୁନ୍ ରହିଛି। କୌଣସି ନୂଆ ଧୂନ୍ ଚଢେଇର ସ୍ୱରରୁ ଅନୁକରଣ କରି ତିଆରି କରାଯାଇଥାଏ। ଏବେ ଲୋକ ନିଜ ନାମର ଧୂନ୍କୁ ମୋବାଇଲ୍ରେ ରେକର୍ଡ କରି ତାକୁ ରିଙ୍ଗ ଟୋନ୍ ବି ରଖୁଛନ୍ତି।

